## ସଂକ୍ଷେପରେ

### କାମ କରି ବର୍ଷେ ହେଲା ପାଇନାହାନ୍ତି ପାରିଶ୍ରମିକ

**ଥୁଆମୂଳ ରାମପୁର,୩।୮ (ଦୁର୍ଗା କୀର୍ତ୍ତି):** ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିବାର ବର୍ଷେ ପରେ ଶ୍ରମିକଙ୍କୁ ପାରିଶ୍ରମିକ ମିଳିନାହିଁ। ଏଭଳି ଅଭିଯୋଗ ଆସିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର କର୍ଲାପାଟ ପଞ୍ଚାୟତରୁ। ଏହି ପଞ୍ଚାୟତର ଭେଜିଗୁଡ଼ା ଗାଁର ପ୍ରାୟ ୫୦ଜଣ ଜବ୍‌କାର୍ଡ ହିତାଧିକାରୀ ପାରିଶ୍ରମିକ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଉକ୍ତ ଗାଁର ୫୦ଜଣ ଶ୍ରମିକ ଗାଁ ନିକଟ ପାହାଡ଼ରେ ଗାତ ଖୋଳିଥିଲେ। ହେଲେ କାମ କରିବାର ଆଜକୁ ୧ବର୍ଷ ବିତିଯାଇଥିଲେ ସୁଦ୍ଧା ମଜୁରି ଟଙ୍କା ପାଇନାହାନ୍ତି। ଏ ସମ୍ପର୍କରେ ବିଡିଓ ଧ୍ରୁବଚରଣ ମୁଦୁଲିଙ୍କୁ ପଚାରିବାରୁ ତଦନ୍ତକରି ଏ ଦିଗରେ ପଦକ୍ଷେପ ନେବା ସହ ସମସ୍ତ କାର୍ଯ୍ୟରତ ଶ୍ରମିକଙ୍କୁ ପାରିଶ୍ରମିକ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ଖଡ଼ିଆଳ,୩।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଭୁଲିଆ ସିକୁଆ ସରସ୍ୱତୀ ଶିଶୁମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ମେହେର ମୁଖ୍ୟ ଅତିଥି, ସମ୍ପାଦକ ବିନୋଦ କୁମାର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଚାରକ ଭାବେ ଗୁଣନିଧି ମେହେର, ଆକାଶ ମେହେର ଓ ପ୍ୟାରିଲାଲ ଦାସ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶିବରାମ ଦାସ ଅତିଥି ପରିଚୟ ଦେଇଥିଲେ। ମେଳାରେ ବିଭିନ୍ନ ବର୍ଗର ମୋଟ ୮୫ ଗୋଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା।

### ନଳକୂପ ଚାରିପଟେ ଚାନ୍ଦିନୀ ତିଆରି ଦାବି

**କୋମନା,୩।୮ (ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ୍ ବୁଦ୍ଧିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଛକଠାରେ ନଳକୂପ ଖନନ ହେବାର ଦୀର୍ଘଦିନ ବିତିଯାଇଥିଲେ ସୁଦ୍ଧା ଚାରିପଟେ ଚାନ୍ଦିନୀ ତିଆରି ହୋଇ ନାହିଁ। ଫଳରେ ପାଣି ଜମି ଚାରପଟେ ସନ୍ତସନ୍ତିଆ ରହୁଛି। ବଲାଙ୍ଗୀର ଯିବା ମୁଖ୍ୟ ରାସ୍ତା ତଥା ତିନିଛକରେ ଥିବା ନଳକୂଅ ଉପରେ ଯାତ୍ରୀମାନେ ନିର୍ଭର କରିଥାନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

### କୋକସରା ଖବରଦାତା ସଂଘର କାର୍ଯ୍ୟକାରିଣୀ ବୈଠକ

**କୋକସରା,୩।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ୟୁନିୟନ ଅଫ୍ ଜର୍ନାଲିଷ୍ଟ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଆମପାଣିସ୍ଥିତ ଡାକ ବଙ୍ଗଳାଠାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ଭଦ୍ରାଞ୍ଚଳ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ, ଖବରଦାତାଙ୍କ ସୁରକ୍ଷା ଓ ପେନ୍‌ସନ, ଅଞ୍ଚଳର ବିକାଶ ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ କୋକସରା ବ୍ଲକ୍ ସଭାପତି ଭାବେ ଖବରଦାତା ଶରତ ଚନ୍ଦ୍ର ରାଉତ, ଉପସଭାପତି ସନତ କୁମାର ପ୍ରଧାନୀ, କାର୍ଯ୍ୟକାରୀ ସଭାପତି ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ, ସାଧାରଣ ସମ୍ପାଦକ ସୁଧାରାମ ସରାଫ, ସହସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, ସାଙ୍ଗଠନିକ ସମ୍ପାଦକ ଭଦ୍ରାଞ୍ଚଳ ନାଏକ, କୋଷାଧ୍ୟକ୍ଷ ଭାବେ ଭୋଳାନାଥ ପଟେଲ ଚୟନ ହୋଇଛନ୍ତି। ତାପସ କୁମାର ରାୟ ଓ ବିଜୟ ପଣ୍ଡା ଉପଦେଷ୍ଟା କମିଟିରେ ରହିଛନ୍ତି।

### ହାଇଓ୍ୱା ଧକ୍କାରେ ବାଇକ୍ ଚାଳକ ଗୁରୁତର

**ଦୁଣ୍ଡଲା,୩।୮ (ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଗାଁ ବ୍ରିଜ ନିକଟରେ ଶନିବାର ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଓଡି୦୮-୬୩୧୧ନଂ. ବିଶିଷ୍ଟ ବାଇକ୍ ଅମାଠରୁ ବେଲଗାଁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ମାଲ ବୋଝେଇ ହାଇଓ୍ୱା (ଓଡି୦୩ଟି-୧୯୭୨) ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ଗୁରୁତର ଅବସ୍ଥାରେ ପଡିରହିଥିଲେ। ଖବର ପାଇ କେସିଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ଜିଲାପାଳଙ୍କୁ ଫେରାଦ ହେଲେ ଓ୍ୱାର୍ଡ ସଭ୍ୟାସଭ୍ୟ**

**କେସିଙ୍ଗା,୩।୮ (ତୁମେଶ୍ୱର ସାହୁ)**


ଜିଲାପାଳଙ୍କୁ ଅଭିଯୋଗ ପାଇଁ ଆସିଥିବା କଣ୍ଟୁପଡ଼ା ଗ୍ରାମପଞ୍ଚାୟତର ୱାର୍ଡ ସଦସ୍ୟ।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ କଣ୍ଟୁପଡ଼ା ସରପଞ୍ଚ ମାଳତୀ ଭୋଇଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଓ୍ୱାର୍ଡ ସଦସ୍ୟ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ସୂଚନାଯୋଗ୍ୟ, କଣ୍ଟୁପଡ଼ା ପଞ୍ଚାୟତରେ ୧୨ ଓ୍ୱାର୍ଡ ଥିବାବେଳେ ୯ଜଣ ଓ୍ୱାର୍ଡ ସଭ୍ୟାସଭ୍ୟ ସରପଞ୍ଚ ଭୋଇଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ସରପଞ୍ଚଙ୍କ ସ୍ୱାମୀ ପଞ୍ଚାୟତର ସବୁ କାମରେ ହସ୍ତକ୍ଷେପ କରିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ବିଲ୍ ପାଇଁ ଶ୍ରମିକଙ୍କଠାରୁ ଟଙ୍କା ଆଦାୟ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ହିତାଧିକାରୀଙ୍କଠାରୁ ଟଙ୍କା ନେବା, କୌଣସି କାର୍ଯ୍ୟରେ ୱାର୍ଡ ସଦସ୍ୟଙ୍କୁ ସରପଞ୍ଚ ଅଣଦେଖା କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପଞ୍ଚାୟତବାସୀଙ୍କ ହିତ ଦୃଷ୍ଟିରୁ ତାଙ୍କୁ ସରପଞ୍ଚ ପଦରୁ ହଟାଇବା ଜରୁରୀ ହୋଇପଡ଼ିଛି। ଅନାସ୍ଥା ପ୍ରସ୍ତାବ ଗୃହୀତ ହେଲେ ଉକ୍ତ ଗ୍ରାମପଞ୍ଚାୟତରେ ଗରିବ ହିତାଧିକାରୀ ବିଭିନ୍ନ ଯୋଜନାରୁ ଉପକୃତ ହୋଇପାରିବେ ବୋଲି ୱାର୍ଡ ସଭ୍ୟାସଭ୍ୟ ଜିଲାପାଳଙ୍କୁ ସାକ୍ଷାତକରି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଅଭିଯୋଗ ପାଇବା ପରେ ତୁରନ୍ତ ବିଚାର କରାଯିବ ବୋଲି ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ କଣ୍ଟୁପଡ଼ା ସରପଞ୍ଚ ମାଳତୀ ଭୋଇଙ୍କୁ ପଚାରିବାରୁ ମୋତେ କେତେଜଣ ଓ୍ୱାର୍ଡସଭ୍ୟ ପିସି ମାଗୁଛନ୍ତି, ଏଥିରେ ଅରାଜି ହେବାରୁ ସେମାନେ ମୋ ବିରୋଧରେ ଏଭଳି ଅଭିଯୋଗ କରିଛନ୍ତି ଯାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି।

# ଲଗାଣ ବର୍ଷା: ଆଗେଇପାରୁନି ଚାଷକାର୍ଯ୍ୟ

**ନୂଆପଡ଼ା,୩।୮ (ମକାରୁ ବେମାଲ)**

**ଜୁଲାଇ ୩୧ ସୁଦ୍ଧା ସର୍ବାଧିକ ୫୧୯.୪୮ ମି.ମି. ବର୍ଷା ରେକର୍ଡ**

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ନୂଆପଡ଼ା ଜିଲାରେ ଚାଷକାର୍ଯ୍ୟ ଆଗେଇପାରୁ ନାହିଁ। ନଦୀ, ନାଳ, ପୋଖରୀରେ ପାଣି ଭର୍ତ୍ତି ହୋଇଥିବାବେଳେ ଚାଷ ଜମି ଜଳମଗ୍ନ ହୋଇପଡିଛି। ବ୍ରିଜ, କଲଭର୍ଟ ଦବିବା ସହ ରାସ୍ତାଘାଟ କାଦୁଅ ହୋଇ ଯାତାୟାତରେ ବାଧକ ସାଜିଛି। ଅଧିକାଂଶ ଲୋକଙ୍କ ଘର ଭାଙ୍ଗିଥିବାବେଳେ ଗଛ ପଡି ଅନେକ ସ୍ଥାନରେ ରାସ୍ତା ଅବରୋଧ ହୋଇଛି। ଜିଲାରେ ଜୁଲାଇ ୩୧ ସୁଦ୍ଧା ସର୍ବାଧିକ ୫୧୯.୪୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବୋଡେନ ବ୍ଲକରେ ୫୧୦ ମିମି, ଖଡିଆଳ ୪୫୭ ମିମି, କୋମନାରେ ୪୪୦ ମିମି, ନୂଆପଡ଼ାରେ ୭୪୧ ଓ ସିନାପାଲି ବ୍ଲକରେ ୪୬୭ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଜିଲାରେ ମୋଟ ୨୫୯୫ ମିମି ବର୍ଷା ହୋଇଛି। ଅଗଷ୍ଟ ୨ରେ ଜିଲାରେ ୭୦.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଜିଲାରେ ଜୁଲାଇ ୨୦ଠାରୁ ଲଗାଣବର୍ଷା ଲାଗିରହିଛି। ଅତ୍ୟଧିକ ବର୍ଷା ଯୋଗୁ ଛତିଶଗଡ ରାୟପୁରଠାରୁ ଗୋପାଳପୁର ବନ୍ଦରକୁ ସଂଯୋଗ କରୁଥିବା ୩୫୩ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି । ନୂଆପଡା ସଦର ଥାନା ଓ ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ବଡ ଗାତ ହେବା ସହ ରାସ୍ତା ଦବିଯାଇଛି । ଫଳରେ ଆମ୍ବୁଲାନ୍ସ ଯିବାରେ ବାଧକ ସାଜିଛି । ଲଗାଣ ବର୍ଷାରେ ସୁନାବେଡା ଅଭୟାରଣ୍ୟ ଭିତରକୁ ଯାତାୟାତ ଏକପ୍ରକାର ବନ୍ଦ ହୋଇଯାଇଛି । ଜାମଗାଁ ଘାଟିରେ ଅଧାପାନ୍ତରିଆ କାମ ଯୋଗୁ କାଦୁଅରେ ଘାଟି ପାରିହେବା ଅସମ୍ଭବ ହୋଇ ପଡିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତପକ୍ଷ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଖେଳକୁଦ ପ୍ରତିଯୋଗିତା: ନୂଆପଡ଼ାକୁ ୪ ସ୍ୱର୍ଣ୍ଣ ସହ ୧୬ ପଦକ


କୃତୀ ଛାତ୍ରୀଛାତ୍ର।

**ନୂଆପଡ଼ା,୩।୮ (ମକାରୁ ବେମାଲ)**

ଭୁବନେଶ୍ୱର ସଂଭାଗ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଖେଳକୁଦ ପ୍ରତିଯୋଗିତାରେ ନୂଆପଡ଼ା କେନ୍ଦ୍ରୀୟ ବିଦ୍ୟାଳୟ ୪ ସ୍ୱର୍ଣ୍ଣ ସହ ମୋଟ ୧୬ ପଦକ ଜିତି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଭୁବନେଶ୍ୱରଠାରେ ଆୟୋଜିତ ପ୍ରତିଯୋଗିତାରେ ମୋଟ ୪୮ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ନୂଆପଡା କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମଥର ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୮ କାଂସ୍ୟ ପଦକ ହାସଲ କରିଛି। ବିଦ୍ୟାଳୟର ରାକେଶ କାଳସାଇ ହାଇଜମ୍ପରେ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ମନଜିତ ପାଣ୍ଡେ ପୋଲଭୋଲ୍‌ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି । ସେହିପରି ଲିପ୍ସା ବାଗ ଡିସ୍‌କସ ଥ୍ରୋରେ ସ୍ୱର୍ଣ୍ଣ ଓ ୱାକିଂରେ କାଂସ୍ୟ, ଶଙ୍କର ମହାନନ୍ଦ ଓ ସୋମେଶ କୁମାର ରାଉତ ପୋଲଭୋଲ୍‌ଟରେ ରୌପ୍ୟ, ବିପ୍ଳବ ଶବର ଶହେ ମିଟର ରେସରେ ରୌପ୍ୟ ଓ ଲଙ୍ଗଜମ୍ପରେ କାଂସ୍ୟ, ମୁସକାନ ଯାଦବ ହାମର ଥ୍ରୋରେ ରୌପ୍ୟ, ପ୍ରତିକ୍ଷା ପଟେଲ ଶହେ ମିଟର ଦୌଡରେ କାଂସ୍ୟ, ଖିଲେନ୍ଦ୍ର ପଟେଲ ୬ ଶହ ମିଟର ଦୌଡ ଓ ୮୦ ମିଟର ହଡଲ୍ସ ରେସରେ ରୌପ୍ୟ, ସୌଭାଗ୍ୟ ଶେଖର ୫ କିଲୋମିଟର ୱାକିଂରେ କାଂସ୍ୟ ପଦକ ହାସଲ କରି ଜିଲା ଓ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି କୃତିତ୍ୱ ପାଇଁ ଜିଲାପାଳ ହେମକାନ୍ତ ସାୟ ଓ ବିଦ୍ୟାଳୟ ଅଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ ଖେଳାଳି ଓ କ୍ରୀଡା ଶିକ୍ଷକ କମଲେଶ ଚନ୍ଦ୍ରକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଆମପାଣି କ୍ଲଷ୍ଟରରେ ନୂତନ ସିଆର୍‌ସିସି

**କୋକସରା,୩।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅନ୍ତର୍ଗତ ଆମପାଣି କ୍ଲଷ୍ଟରରେ ନୂତନ ସିଆର୍‌ସିସି ଭାବେ କେଦାରନାଥ ନାଏକ ଯୋଗଦାନ କରିଛନ୍ତି। କର୍ଲାକୋଟିଆ ପଡା ପ୍ରାଥମିକ ସ୍କୁଲରେ କ୍ଲଷ୍ଟର ଅଧୀନ ୧୩ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କନ୍ଦାଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପୁରୋହିତ ସଭାପତିତ୍ୱରେ ଏବିଇଓ ତୋଫାନ ମାଝି ମୁଖ୍ୟଅତିଥି, ନୋଡାଲ ସିଆର୍‌ସିସି ବୈକୁଣ୍ଠ ଜାଲ ମୁଖ୍ୟବକ୍ତା ରୂପେ ଯୋଗଦାନ କରି ନୂତନ ସିଆର୍‌ସିସିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ। ଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତି ସଂଯୋଜନା କରିଥିବା ବେଳେ ପରମେଶ୍ୱର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟରେ ଏନ୍‌ଏସି ଅଧ୍ୟକ୍ଷଙ୍କ ଉନ୍ନୟନ କାର୍ଯ୍ୟ ତଦାରଖ


କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଏନ୍‌ଏସି ଅଧ୍ୟକ୍ଷ ଓ ଅନ୍ୟମାନେ।

**ଖଡ଼ିଆଳ,୩।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଶନିବାର ଉନ୍ନୟନ କାର୍ଯ୍ୟ ତଦାରଖ କରିଛନ୍ତି ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା। ବିଶେଷକରି ସ୍କୁଲ ପରିସର ସ୍ୱଚ୍ଛ ଓ ନିର୍ମଳ ରଖିବା ସହ ବିଦ୍ୟାର୍ଥୀଙ୍କୁ ଅତ୍ୟାଧୁନିକ ବ୍ୟବସ୍ଥା ଦ୍ୱାରା ଶିକ୍ଷାଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଛାତ୍ରୀଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ, ଷ୍ଟେଜ୍ ଉପରେ ଛାଉଣି, ବିଦ୍ୟାର୍ଥୀଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବା ଉପରେ ଏନ୍‌ଏସି ଅଧ୍ୟକ୍ଷ ଗୁରୁତ୍ୱ ଦେଇଥିଲେ। ଏହି ସମୟରେ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ, ପରିଚାଳନା କମିଟି ସଦସ୍ୟ ତପନ ଦାସ, ଶିକ୍ଷକ ଶିବନନ୍ଦନ ଅଗ୍ରୱାଲ, ଶୁଭଦୀପ ବିଶ୍ୱାସ, ସୁନୀଲ କୁମାର ଭୋଇ, ଶଶାଙ୍କ କୁମାର, ରାକେଶ ମାଲହୋତ୍ରା ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**କୋମନା,୩।୮ (ସୋବିନ ଛତ୍ରିଆ)**



ନୂଆପଡ଼ା ଜିଲା କୋମନା ବ୍ଲକ ବୁଦ୍ଧିକୋମନା ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କୁରେଶର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଓ ପୂର୍ବତନ ସମ୍ପାଦକ ମହେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମେଳାରେ ବିଭିନ୍ନ ବର୍ଗରୁ ୭୫ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଏଥିସହ ପ୍ରଶ୍ନ ମଞ୍ଚ, ପତ୍ରବାଚନ ଆଦିରେ ଛାତ୍ରୀଛାତ୍ର ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବାଲ ବିଭାଗରୁ ଜଣେ ଓ ପ୍ରଶ୍ନ ମଞ୍ଚରେ ୩ ଜଣ ଭଉଣୀ ସଙ୍କୁଳସ୍ତରୀୟ ପ୍ରଦର୍ଶନୀରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ନାୟକ ଅତିଥି ପରିଚୟ ଓ ଆଚାର୍ଯ୍ୟ ଦୟାନିଧି ଦୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଝାଡ଼ାବାନ୍ତିରେ ୬ ଆକ୍ରାନ୍ତ, ଡାକ୍ତରଖାନାରେ ଭର୍ତ୍ତି

**କୋକସରା,୩।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତ ପିପଳପଡ଼ା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପୁଛି। ଶନିବାର ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଗ୍ରାମର ଜଗ ସୋରି(୩୫), ଖଗେଶ୍ୱର ପୋଟା (୩୨), ପ୍ରମିଳା ପୋଟା(୩୦), ବାସନ୍ତୀ ପୋଟା(୨୮), ଅନିତା ଧରୁଆ(୨୮), ପିତାମ୍ବର ସୋରି(୮)ଙ୍କୁ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଝାଡ଼ାବାନ୍ତି ବ୍ୟାପିବାର ପ୍ରମୁଖ କାରଣ ଦୂଷିତ ପାନୀୟ ଜଳ ସେବନ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ପଡାରେ ୩ ଗୋଟି ନଳକୂପ ରହିଥିବା ବେଳେ ଏହି ନଳକୂପର ପାଣିକୁ ପଡ଼ାବାସୀ ବ୍ୟବହାର କରୁଥିବା ଜଣାପଡିଛି।

# ୭ଦିନିଆ ସ୍ୱତନ୍ତ୍ର ବୃକ୍ଷରୋପଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସ୍ୱେଚ୍ଛାସେବୀମାନେ।

**ଖଡ଼ିଆଳ,୩।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ସତ୍ୟସାଇ ସେବା ସଦନ ଖଡ଼ିଆଳର ମିଳିତ ଆନୁକୂଲ୍ୟରେ ୭ଦିନିଆ ସ୍ୱତନ୍ତ୍ର ବୃକ୍ଷରୋପଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ସୁରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ ୩ ଅଧ୍ୟକ୍ଷ ଡ. ତରୁଣ କୁମାର ପ୍ରଧାନ ଓ ଯୁକ୍ତ ୨ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଗୋଟିଏ ଗଛ ମା'ଙ୍କ ନାମରେ ରୋପଣ କରି ତା'ର ଯତ୍ନନେବାକୁ ଉତ୍ସାହିତ କରିଥିଲେ । ଏଥିରେ ନୂଆପଡ଼ା ଜିଲା ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜିକା ପ୍ରଣତି ପଣ୍ଡା, ଅଧ୍ୟାପକ ସୁନିଲ କୁମାର ପାଢ଼ୀ, ଡ. ସରୋଜ କୁମାର ପଣ୍ଡା, ଡ. ଶୁଭ୍ରାଂଶିଷ ବାରିକ, ଶୁଭେନ୍ଦୁ ନିଆଲ, ତଥାଗତ ରାଉତ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରଥମ ଦିନରେ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ଶତାଧିକ ବୃକ୍ଷରୋପଣ କରିଥିଲେ।

# ରେଳଧାରଣାରେ କଟି ଯୁବତୀଙ୍କ ମୃତ୍ୟୁ

**ଲାଞ୍ଜିଗଡ଼,୩।୮ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲାର ଅମ୍ବାଦଳା ଓ ଲାଞ୍ଜିଗଡରୋଡ ମଝିରେ ଥିବା ବାଘନିପଦର ନିକଟ ରେଳଧାରଣାରେ କଟି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତା ଯୁବତୀ ଲାଞ୍ଜିଗଡ ବ୍ଲକ ଅଞ୍ଚଳର ଶ୍ରୀଦେବୀ ହରିଜନ ବୋଲି ଜଣାପଡିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପ୍ରେମ ସମ୍ପର୍କକୁ ନେଇ ଯୁବତୀ ଜଣକ ଏଭଳି ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଛି।

### ଲୋକଙ୍କ କାମରେ ଆସୁନି ମାର୍କେଟ ପିଣ୍ଡି

**ବେହେରା, ୩।୮(ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ତେଣ୍ଡାପାଲି ପଞ୍ଚାୟତ ତେଣ୍ଡାପାଲି ଗ୍ରାମରେ ନିର୍ମିତ ବଜାର ପିଣ୍ଡି କାମରେ ଆସୁନାହିଁ। ଡିଆର୍‌ଡିଏ କଳାହାଣ୍ଡି ଅନୁଦାନରେ ୨୦୨୧-୨୨ରେ ଦଶଟି ପିଣ୍ଡି ତେଣ୍ଡାପାଲିଶିବ ମନ୍ଦିର ନିକଟରେ ନିର୍ମାଣ କରାଯାଇଥିଲା। ଖୁଚୁରା ବ୍ୟବସାୟୀଙ୍କୁ ସୁବିଧା ଯୋଗାଇଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ହେଲେ ଦିନଟିଏ ବି ଉକ୍ତ ବଜାର ପିଣ୍ଡିକୁ ବ୍ୟବହାର କରାଯାଇନାହିଁ। ବର୍ତ୍ତମାନ ମାର୍କେଟ ପିଣ୍ଡି ଫାଟି ଲତା ବୁଦାରେ ଢାଙ୍କି ହୋଇ ରହିଛି। ଏ ସମ୍ପର୍କରେ ଧର୍ମଗଡ଼ ବିଡିଓ ଶରତ ପାତ୍ରଙ୍କୁ ପଚାରିବାରୁ ମାର୍କେଟ ପିଣ୍ଡିଗୁଡିକୁ ଲୋକଙ୍କ ବ୍ୟବହାର ଉପଯୋଗୀ କରାଯିବ ବୋଲି କହିଥିଲେ।

# ଡିଜେଲ ପମ୍ପରୁ ଠକିନେଲେ ୨୫୦୬ ଲିଟର

**ଜୁଲାଇ ୧୨ର ଘଟଣା, ଥାନାରେ ମାମଲା ରୁଜୁ ହୋଇନି**

**ଭବାନୀପାଟଣା,୩।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକର ଡ଼ଙ୍ଗରଗଡ଼ ଜନତା ସର୍ଭିସ ଷ୍ଟେଶନ ଡିଜେଲ ପମ୍ପରୁ ରେଳବାଇ ଠିକାଦାର ପରିଚୟ ଦେଇ ୨୫୦୬ଲିଟର ଡିଜେଲ ଠକିନେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଡ଼ଙ୍ଗରଗଡ଼ ଡିଜେଲ ପମ୍ପରେ ଗତ ଜୁଲାଇ ୧୨ରେ ଜଣେ ଯୁବକ ନିଜକୁ ରେଳବାଇ ଠିକାଦାର କହି ଫୋନ ଯୋଗେ ୨୫୦୬ ଲିଟର ଡିଜେଲ ଦେବା ପାଇଁ ମାଲିକଙ୍କୁ କହିଥିଲେ। ନିଜକୁ ରାହୁଲ ଶର୍ମା ପରିଚୟ ଦେଇ ଗାଡି ନମ୍ବର ଓଆର୧୮ସି-୫୪୨୬ ଓ ଓଆର୦୩ଜି-୪୯୫୧ରେ ଡିଜେଲ ଭରିବା ପାଇଁ କହିଥିଲେ। ତେଲ ଭରିବା ପରେ ଆର୍‌ଟିଜିଏସ୍ ଜରିଆରେ ଟଙ୍କା ପଠାଇବାକୁ ମାଲିକଙ୍କୁ କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ବ୍ୟାଙ୍କ ଲିଙ୍କ ଫେଲ୍ ଅଛି କହି ସମୟ ଘୁଞ୍ଚାଇବାକୁ ଲାଗିଲେ। ଏହା ଠକେଇ ହୋଇଥିବା ଜାଣି ପମ୍ପ ମାଲିକ ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ଏପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନାହିଁ କିମ୍ବା ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡିଛି। ଏ ନେଇ କଳାହାଣ୍ଡି ପୋଲିସ ହସ୍ତକ୍ଷେପ କରି ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# କାଦୁଅ ରାସ୍ତାରେ ଯାତାୟାତ କରୁଛନ୍ତି ଗ୍ରାମବାସୀ

**କୋକସରା,୩।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**


କଛାରପଡା ଗାଁ ରାସ୍ତା କାଦୁଅ ହୋଇଯାଇଛି।

କଳାହାଣ୍ଡି ଜିଲା କୋକସରା ବ୍ଲକ ମୂଷାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖପରାମାଳରୁ କଛାରପଡା ରାସ୍ତା ମରଣଯନ୍ତା ପାଲଟିଛି। କାଦୁଅ ରାସ୍ତାରେ ଯାତାୟାତ କରୁଛନ୍ତି ଗ୍ରାମବାସୀ। କଛାରପଡା ଗ୍ରାମରେ ପ୍ରାୟ ୨୫ ପରିବାର ରହୁଛନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟହ ଛାତ୍ରୀଛାତ୍ର ସ୍କୁଲ, କଲେଜ ଯାଉଥିବା ବେଳେ ଅନେକ ଗାଡ଼ିମୋଟର ଯିବାଆସିବା କରିଥାଏ। ବର୍ଷା ଦିନରେ ରାସ୍ତାରେ ପାଣି ଜମି କାଦୁଅ ହୋଇଯାଇଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ ସଦର କିମ୍ବା ବ୍ଲକ ସଦର ମହକୁମାକୁ ଯିବାପାଇଁ ଏହା ଏକମାତ୍ର ରାସ୍ତା। ରାସ୍ତା ମରାମତି ପାଇଁ ରମେଶ ଠାକୁର, ପ୍ରକାଶ ଠାକୁର, ଭୁବନେ ଠାକୁର, ଜୟଲାଲ ଠାକୁର, ଶଙ୍କର ରାଉତ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ମୂଷାପାଲି ସରପଞ୍ଚ ଅକ୍ଷୟ କୁମାର ନାଏକଙ୍କୁ ପଚାରିବାରୁ ପଞ୍ଚାୟତ ଆକ୍ସନ ପ୍ଲାନରେ ରାସ୍ତା ପାଇଁ ଏଷ୍ଟିମେଟ ଦିଆଯାଇଛି। ସମ୍ପ୍ରତି ବର୍ଷା ଦିନରେ ଯାତାୟାତ ପାଇଁ ମୋରମ ପକାଇ ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଗୋରୁ କବ୍‌ଜାରେ ପଦ୍ମପୁରର ରାସ୍ତା ନୀରବଦ୍ରଷ୍ଟା ଏନ୍‌ଏସି



**ପଦ୍ମପୁର,୩।୮(ପ୍ରଦୀପ୍ତ ଦାଶ):** ପଦ୍ମପୁର ସହରରେ ସନ୍ଧ୍ୟା ସମୟରେ ମୁଖ୍ୟ ରାସ୍ତାରେ ଗୋରୁଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ପଦ୍ମପୁର ମୁଖ୍ୟ ରାସ୍ତା ବରଗଡ଼ ରୋଡ, ପାଇକମାଳ ରୋଡ, ଶାସ୍ତ୍ରୀ ଛକ ରାସ୍ତାରେ ପଲ ପଲ ଗୋରୁ ଉପଦ୍ରବ ଦେଖିବାକୁ ମିଳୁଛି। ସକାଳ ସମୟରେ ରାସ୍ତା ଖାଲି ରହୁଥିବା ବେଳେ ସନ୍ଧ୍ୟା ସମୟରୁ ରାତି ସାରା ଗୋରୁ ରାସ୍ତାରେ ରହୁଛନ୍ତି। ଫଳରେ ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପ୍ରଶାସନ ପକ୍ଷରୁ ମାଲିକମାନଙ୍କୁ ତାଗିଦ ନ କରୁଥିବାରୁ ସେମାନେ ମନଇଚ୍ଛା ଗୋରୁ ଛାଡୁଛନ୍ତି । ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

### ୫ରେ ସକାଳ ୮ଟାରୁ ବିଦ୍ୟୁତ୍ ଯୋଗାଣ ବନ୍ଦ

**ବରଗଡ଼,୩।୮(ପ୍ରେମାନନ୍ଦ ଖମାରୀ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ ପକ୍ଷରୁ ଆସନ୍ତା ୫ ତାରିଖ ସୋମବାର ଗ୍ରୀଡ୍ ସବଷ୍ଟେଶନର ରକ୍ଷାବେକ୍ଷଣ କାର୍ଯ୍ୟ ପାଇଁ ଜିଲାର ବିଭିନ୍ନ ସ୍ଥାନରେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି। ବରଗଡ଼ ଡିଭିଜନ-୧ସ୍ଥିତ ଗ୍ରୀଡ୍ ସବଷ୍ଟେଶନର ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବରଗଡ଼ ଟାଉନର ଆଶା କିରଣ ଅଞ୍ଚଳ, ଭଟଲି ଛକ, ଘୁଲିପାଲି ଛକ, ନଦୀଖଣ୍ଡି, ତଳିପଡ଼ା, ନିଗମାନନ୍ଦ ବିହାର, ଲ' କଲେଜ ରୋଡ୍ ଆଦି ଅଞ୍ଚଳରେ ବିଦ୍ୟୁତ ସେବା ବନ୍ଦ ରହିବ। ସେହିପରି ଭଟଲି ବ୍ଲକ ଅନ୍ତର୍ଗତ ୧୩୨/୩୩ କେଭି ଭଟଲି ଗ୍ରୀଡ୍ ସବଷ୍ଟେଶନ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ କଣ୍ଡପଲା, ଅମ୍ବାଭୋନା, ଭୁକ୍ତା, ଡୁଙ୍ଗୁରି ଆଦି ଅଞ୍ଚଳରେ ମଧ୍ୟ ଏଭଳି ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ବୋଲି ଟିପିଡବ୍ଲୁଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି।

### ୪ ବର୍ଷ ହେଲା ବନ୍ଦ ପଡ଼ିଛି ଦର୍ଲିଗୁଡ଼ା ପ୍ରାଥମିକ ବିଦ୍ୟାଳୟ



**ପଦ୍ମପୁର,୩।୮(ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ବ୍ଲକ ଦହିଗାଁ ପଞ୍ଚାୟତ ଅନ୍ତର୍ଗତ ଦର୍ଲିଗୁଡା ପ୍ରାଥମିକ ବିଦ୍ୟାଳୟ ଦୀର୍ଘ ୪ ବର୍ଷ ହେଲା ବନ୍ଦ ହୋଇଯାଇଛି। ବର୍ତ୍ତମାନ ଗାଁର ଛାତ୍ରୀଛାତ୍ରମାନେ ଅନ୍ୟ ଗାଁ ସ୍କୁଲକୁ ପାଠ ପଢିବା ପାଇଁ ଯାଉଛନ୍ତି। ଛୋଟ ଛୋଟ ପିଲାଙ୍କୁ ଅଭିଭାବକମାନେ ପ୍ରତିଦିନ ନେବା ଆଣିବା ସମ୍ଭବ ହେଉ ନ ଥିବାରୁ କିଛି ଅଭିଭାବକ ସ୍କୁଲ ଛୁଆ ଛାଡୁ ନ ଥିବା ଦେଖାଯାଉଛି। ପ୍ରକାଶ ଯେ, ସରକାରଙ୍କ ନୂଆଁ ନିୟମ ଅନୁସାରେ ୧୪ରୁ କମ ଛାତ୍ରୀଛାତ୍ର ଥିବା ଏହି ସ୍କୁଲ ୨୦୨୦ ମସିହାରୁ ବନ୍ଦ କରାଯାଇଥିଲା। ତେବେ ଛୋଟ ଛୁଆମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସ୍କୁଲରେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଆରମ୍ଭ କରିବା ପାଇଁ ଦାବି ହେଉଛି।

### ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପ୍ରବେଶ ପାଇଁ ପ୍ରବେଶିକା ପରୀକ୍ଷା ଦିନ ଧାର୍ଯ୍ୟ

**ପାଇକମାଳ,୩।୮(ବଡ ଶତପଥୀ):** ଭାରତ ସରକାରଙ୍କ ଅଧୀନରେ ଥିବା ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପ୍ରବେଶ ନିମନ୍ତେ ପ୍ରବେଶିକା ପରୀକ୍ଷାର ଦିନ ଧାର୍ଯ୍ୟ କରାଇଯାଇଛି। ବରଗଡ ଜିଲା ପାଇକମାଳ ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ତ୍ରିପାଠୀଙ୍କ ସୂଚନା ଅନୁଯାୟୀ ଜବାହର ନବୋଦୟ ବିଦ୍ୟାଳୟରେ ୨୦୨୫-୨୬ ବର୍ଷ ପାଇଁ ଷଷ୍ଠ ଶ୍ରେଣୀରେ ପ୍ରବେଶ ନିମନ୍ତେ ଅନଲାଇନ ଫର୍ମ ଆବେଦନ ଆରମ୍ଭ ହୋଇଯାଇଥିବା ବେଳେ ଏହାର ଶେଷ ତାରିଖ ରହିଛି ୧୬।୦୯।୨୦୨୪। ଇଚ୍ଛୁକ ଛାତ୍ରୀଛାତ୍ର ବରଗଡ଼ର ଅଧିବାସୀ ହେବା ସହିତ ବରଗଡ଼ ଜିଲାରେ ଥିବା ସରକାରୀ ବା ସରକାରୀ ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟରୁ ୨୦୨୪-୨୫ବର୍ଷରେ ପଞ୍ଚମ ଶ୍ରେଣୀରେ ପଢୁଥିବେ। ଏହି ଚୟନ ପରୀକ୍ଷା ୧୮।୧।୨୦୨୫ରେ ହେବାକୁ ଥିଲାବେଳେ ଏଥି ପାଇଁ ଆବେଦନ କରୁଥିବା ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଅଧକ୍ଷ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ବୟାନବାଜି, ଡାକବାଜିରେ ସୀମିତ ଉଚ୍ଛେଦ ପ୍ରକ୍ରିୟା

**ବରଗଡ଼,୩।୮(ପ୍ରେମାନନ୍ଦ ଖମାରୀ)**



ବରଗଡ଼ ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜିରାବ୍ରିଜ ରାସ୍ତା।

**ବରଗଡ଼ ଲେଙ୍ଗୁ ମିଶ୍ର ଛକ- ପୁରୁଣା ଜିରାବ୍ରିଜ ରାସ୍ତା ଜବରଦଖଲ**
- ନିର୍ବାଚନ ପରେ ନାହିଁ ଉଚ୍ଛେଦ ତାତି
- ଭିତିରି ବୁଝାମଣା, ବଡ଼ ଡିଲ୍ ସନ୍ଦେହ
- ଜିଲା ପ୍ରଶାସନ, ଜନ ପ୍ରତିନିଧି ଚୁପ୍

ସରକାରୀ ଜମି ଉପରେ ଜବରଦଖଲ ତଥା ବେଆଇନ ନିର୍ମାଣ ଭଙ୍ଗାଯିବ। ବଡ଼ ଅଟ୍ଟାଳିକାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମ ସମ୍ମୁଖରେ ବାରମ୍ବାର ଏହା କହି ଆସିଛନ୍ତି। ବରଗଡ଼ ଜିଲାଗସ୍ତରେ ଆସିଥିବାବେଳେ ମଧ୍ୟ ସେ ଏହା କହିଥିଲେ। ସେହିପରି ଜବରଦଖଲ ଉଚ୍ଛେଦ ପାଇଁ ଜିଲା ପ୍ରଶାସନ ମଧ୍ୟ ଥରକୁ ଥର ସୀମା ଚିହ୍ନଟ କରୁଛି। ଫିତା ଧରି ବିଭାଗୀୟ କର୍ମଚାରୀମାନେ ରାସ୍ତାର ଉଭୟ ପାର୍ଶ୍ୱ ମାପଚୁପ କରୁଛନ୍ତି। ଜବରଦଖଲ ଅଂଶରେ ଲାଲରଙ୍ଗର ଛକି ବି ପକାଉଛନ୍ତି। ବହୁଚର୍ଚ୍ଚିତ ବରଗଡ଼ ସହରର ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜିରାବ୍ରିଜ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ପାଇଁ ଗତ ବର୍ଷକ ମଧ୍ୟରେ ଏଭଳି ଥରେ ନୁହେଁ, ତିନିଥର ସୀମା ଚିହ୍ନଟ ହେବା ସହିତ ଜବରଦଖଲ ଅଂଶରେ ଲାଲ ରଙ୍ଗର ଛକି ପକାଯାଇଛି। ଡାକବାଜି ଯନ୍ତ୍ରରେ ଜବରଦଖଲ ଜାଗା ଛାଡ଼ିବାକୁ ପ୍ରଚାର ମଧ୍ୟ କରାଯାଇଛି। କିନ୍ତୁ ରାଜସ୍ୱ ମନ୍ତ୍ରୀଙ୍କ ସେଭଳି ବୟାନବାଜି ଏବଂ ପ୍ରଶାସନର ଡାକବାଜି ଯନ୍ତ୍ରରେ ପ୍ରଚାରରେ ଉଚ୍ଛେଦ ସୀମିତ ରହି ଯାଇଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନୀରବତା ମଧ୍ୟ ସଭିଁଙ୍କୁ ଚକିତ କରି ପକାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ଉଚ୍ଛେଦ ଦାବି ମଧ୍ୟ ଜୋର୍ ଧରିଥିଲା। କିନ୍ତୁ ନିର୍ବାଚନ ସରିବା ପରେ ସେଭଳି ଆଉ ଉଚ୍ଛେଦ ତାତି ନାହିଁ। ଅନ୍ୟପଟେ ଉଚ୍ଛେଦ ପ୍ରକ୍ରିୟାରେ ପ୍ରଶାସନିକ ଉଦାସୀନତା ଯୋଗୁ ଜଣେ ପରେ ଆଉଜଣେ ନ୍ୟାୟାଳୟରୁ ରହିତାଦେଶ ଆଣିବାରେ ସକ୍ଷମ ହେଉଛନ୍ତି। ସିଧାସଳଖ ନ ହେଲେ ମଧ୍ୟ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ପରୋକ୍ଷରେ ଏକ ବଡ଼ ଡିଲ୍ ଚାଲିଛି ଏବଂ ଜାଣିଶୁଣି ଉଚ୍ଛେଦ ପ୍ରକ୍ରିୟାକୁ ବିଳମ୍ବ କରି ରହିତାଦେଶର ସୁଯୋଗ ଦିଆଯାଉଛି ବୋଲି ସାଧାରଣରେ ଆଲୋଚିତ ହେଉଛି। ସୀମା ମାପଚୁପ, ଡାକବାଜି ଯନ୍ତ୍ରରେ ପ୍ରଚାର ଏବଂ ରହିତାଦେଶ ଆଣିବାର ଦିବସକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି ସଚେତନ ନାଗରିକମାନେ କହୁଛନ୍ତି। ସନ୍ଧ୍ୟାରେ ଡାକବାଜି ଯନ୍ତ୍ରରେ ଜବରଦଖଲ ଜାଗା ଛାଡ଼ିବାକୁ ପ୍ରଚାର କରାଯାଉଛି। କିନ୍ତୁ ତାର ପରଦିନ ରହିତାଦେଶ ଆଣିଥିବା ଶୁଣିବାକୁ ମିଳୁଛି ଏବଂ ଉଚ୍ଛେଦ ପ୍ରକ୍ରିୟା ଅଟକି ଯାଉଛି। ଏଥିରୁ ଉଚ୍ଛେଦ ପ୍ରକ୍ରିୟାରେ ଆନ୍ତରିକତା ଏବଂ ଇଚ୍ଛାଶକ୍ତି ଅଛି ନା ଜାଣିଶୁଣି ସହରବାସୀଙ୍କୁ ସେଭଳି ଆଳ ଦେଖାଇ ବାରମ୍ବାର ଭୁଆଁ ବୁଲାଯାଉଛି, ତାହା ଜଳଜଳ ଦିଶୁଛି। ପ୍ରକାଶ ଯେ, ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜିରାବ୍ରିଜ ଦେଇ ପୂର୍ବରୁ ଜାତୀୟ ରାଜପଥ ଯାଇଥିଲା। କିନ୍ତୁ ଉକ୍ତ ରାସ୍ତା ଦିନକୁ ଦିନ ସଂକୁଚିତ ହୋଇ ପଡ଼ିଥିଲା ଏବଂ ବ୍ୟସ୍ତବହୁଳ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଉକ୍ତ ରାସ୍ତାରୁ ଜବରଦଖଲ ହଟାଇବା ପାଇଁ ସହରବାସୀ ବାରମ୍ବାର ଦାବି ପରେ ଗତବର୍ଷ ଜୁନ ୨୧ତାରିଖରୁ ସ୍ଥାନୀୟ ସମଲେଶ୍ୱରୀ ସଂଘ ସମେତ ଦଳମତ ନିର୍ବିଶେଷରେ ସହରର ବିଭିନ୍ନ ସାମାଜିକ, ସାଂସ୍କୃତିକ ଏବଂ ଯୁବ ସଂଗଠନ ଏକତ୍ରିତ ହୋଇ ଜବରଦଖଲ ଉଚ୍ଛେଦ ଅଭିଯାନକୁ ଓହ୍ଲାଇଥିଲେ। ସହରବାସୀଙ୍କ ଆବଶ୍ୟକତା ଏବଂ ସମୂହ ସ୍ୱାର୍ଥ ସାଧନ ପାଇଁ ବରଗଡ଼ ଜିଲା ଓକିଲ ସଂଘ ଉଚ୍ଛେଦ ଦାବିକୁ ସମର୍ଥନ କରିବା ସହିତ ଏହାର ନେତୃତ୍ୱ ନେଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଘଟଣା ଉଚ୍ଚ ନ୍ୟାୟାଳୟକୁ ଯାଇଥିଲା ଏବଂ ରହିତାଦେଶ ପରେ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହି ସମୟ ଗଡ଼ି ଚାଲିଥିଲା।

କିନ୍ତୁ ମାମଲାର ବିଚାର କରି ଉଚ୍ଚ ନ୍ୟାୟାଳୟ ଗତ ଫେବୃୟାରୀ ୧ତାରିଖରେ ଉଚ୍ଛେଦ ସପକ୍ଷରେ ରାୟ ପ୍ରଦାନ କରିଥିଲେ। ୧୫ ଦିନର ନୋଟିସ୍ ଦେଇ ଜବରଦଖଲ ହଟାଇବା ପାଇଁ ଉଚ୍ଚ ନ୍ୟାୟାଳୟ ପୌର ପରିଷଦକୁ ଆଦେଶ କରିଥିଲେ। ଏହାସତ୍ତ୍ୱେ ଉଚ୍ଛେଦ କରାଯାଇ ନ ଥିଲା। ସାଧାରଣ ନିର୍ବାଚନ ଆଚରଣ ବିଧି ନେଇ ପୁଣି ସମୟ ଗଡ଼ି ଚାଲିଥିଲା। ଇତିମଧ୍ୟରେ ସାଧାରଣ ନିର୍ବାଚନ ଶେଷ ହେବା ପରେ ସେହି ପ୍ରସଙ୍ଗ ଅସମାହିତ ହୋଇ ରହିଯାଇଥିଲା। ପୌର ପ୍ରଶାସନ ଗତ ମାସ ୧୬ତାରିଖ ମାପଚୁପ କରିବା ସହିତ ଉଚ୍ଛେଦ ନେଇ ସେହିଦିନ ସନ୍ଧ୍ୟାରେ ଡାକବାଜି ଯନ୍ତ୍ରରେ ପ୍ରଚାର କରିଥିଲା। ୪୮ଘଣ୍ଟା ମଧ୍ୟରେ ଜବରଦଖଲ ସ୍ଥାନ ଖାଲି କରିବାକୁ ପ୍ରଚାରରେ ସୂଚନା ଦିଆଯାଇଥିଲା। ସେହି ମିଆଦ ପୂରି ଯାଇଥିଲା। କିନ୍ତୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବା ତ ଦୂରର କଥା, ନ୍ୟାୟାଳୟର ରହିତାଦେଶ ଆଣିବା ଯୋଗୁ ଉଚ୍ଛେଦ ପୁଣି ଅଟକି ଯାଇଛି ଏବଂ ଆସନ୍ତା ସେପ୍ଟେମ୍ବର ୧୧ତାରିଖ ଉଚ୍ଚ ନ୍ୟାୟାଳୟରେ ଏହାର ଶୁଣାଣି ରହିଥିବା ଜଣାପଡ଼ିଛି।

### ମଦ, ସଟ୍ଟା ଚଢ଼ାଉ: ୧୧ ଗିରଫ

**ବରଗଡ଼,୩।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଟାଉନ, ସଦର ଏବଂ ଗ୍ରାମାଞ୍ଚଳ ଥାନା ପୋଲିସ ବେଆଇନ ମଦ ଏବଂ ସଟ୍ଟା କାରବାର ଉପରେ ଚଢ଼ାଉ କରିଛି। ଚଢ଼ାଉରେ ୧୧ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ନଗଦ ବିପୁଳ ଟଙ୍କା ସହିତ ମଦ, ତାସ, କାଲକୁଲେଟର, ମୋବାଇଲ ଆଦି ଜବତ ହୋଇଛି। ଏ ନେଇ ବରଗଡ଼ ଗ୍ରାମାଞ୍ଚଳ ଥାନା, ଟାଉନ ଥାନା ଏବଂ ସଦର ଥାନାରେ ପୃଥକ ଭାବେ ମାମଲା ରୁଜୁ ହୋଇଛି। ଗିରଫମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି। ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ସୁରେନ୍ଦ୍ର ଶିକା, ଭରତ ତାଣ୍ଡି, ସଦାଶିବ ସୁନା ଏବଂ ଗୋପାଳ ସାହୁ। ସେମାନଙ୍କ ପାଖରୁ ନଗଦ ୧୩ହଜାର ୯୩୦ ଟଙ୍କା, ୨ମୋବାଇଲ, ୨ କାଲକୁଲେଟର ଏବଂ ସଟ୍ଟାଚିଟ୍ ଜବତ ହୋଇଛି। ସେହିପରି ବରଗଡ଼ ଟାଉନ ଥାନା ପୋଲିସ ମହେଶ୍ୱର ନାଏକ, ଜିତେନ୍ଦ୍ରିୟ ଝଙ୍କିଆ, ଅଭିମନ୍ୟୁ ବରିହା ଏବଂ ସୁନିଲ କୁମ୍ଭାରଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ନଗଦ ୬୮୧୦ ଟଙ୍କା, ୨ମୋବାଇଲ, ୨ କାଲକୁଲେଟର, ସଟ୍ଟାଚିଟ୍ ଜବତ ହୋଇଛି। ସେହିପରି ବରଗଡ଼ ସଦର ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, କାହ୍ନୁ ନାଏକ, ସୁଖଲାଲ ସେଠ ଏବଂ ସରୋଜ ବାରିକ। ସେମାନଙ୍କ ପାଖରୁ ନଗଦ ୫୧୦୦ ଟଙ୍କା, ଗୋଟିଏ ମୋବାଇଲ, ଗୋଟିଏ କାଲକୁଲେଟର ଏବଂ ସଟ୍ଟାଚିଟ୍ ଜବତ ହୋଇଛି ବୋଲି ପୋଲିସ ସୂଚନା ଦେଇଛି।





ଗୋଡ଼ଭଗା ଫାଣ୍ଡି ଘେରାଓ କରିଛନ୍ତି ଗ୍ରାମବାସୀ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ନେଇ ଥାନା ଘେରାଉ

**ଅତାବିରା/ସରଣ୍ଡା,୩।୮ (ହୃଷିକେଶ ଖମାରୀ/ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଗୋଡ଼ଭଗା-ତୁରୁମ ରାସ୍ତାର ଦୁଲୁମପୁର ଛକ ନିକଟରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର(ନଂ-ଓଡ଼ି୨୩ବି ୦୦୨୩) ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ(ନଂ-ଓଡ଼ି୧୭ଏକ୍ସ ୫୫୭୬)କୁ ଧକ୍କା ଦେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅତାବିରା ଥାନା ଗୌଡ଼ଟିକ୍ରା ଗ୍ରାମର ଡି. ସୁନୀଲ(୩୦)। ଏହାକୁ ନେଇ ମୃତକଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ଗୋଡ଼ଭଗା ଫାଣ୍ଡି ଘେରାଉ କରିଛନ୍ତି। ଗୋଡ଼ଭଗା ଫାଣ୍ଡି ପୋଲିସ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ସୁନୀଲ ବାଇକ୍ ଯୋଗେ ଦୁଲମପୁର ପଟୁ ଗୋଡ଼ଭଗା ପଟକୁ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା କାର୍ ଧକ୍କା ଦେଇଥିଲା। ଫଳରେ ସୁନୀଲ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭୀମସାର୍ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଏହାର ଅଧିକ ତଦନ୍ତ ଚାଲୁଛି ବୋଲି ଗୋଡ଼ଭଗା ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ପୁରୋହିତ କହିଛନ୍ତି।

ଅନ୍ୟପଟେ କର୍ ବେଗ ଏତେ ଥିଲା ଯେ ଡାହାଣ ପଟକୁ ଆସି ବାଇକ ଘୋଷଡି ନେବା ପରେ ଏକ ଗଛରେ ପିଟି ହୋଇ ରାସ୍ତା କଡ଼ରେ ଓଲଟି ପଡିଥିଲା। ଗାଡ଼ିରେ ଥିବା ସମ୍ବଲପୁରର ୩ଜଣ ସାମାନ୍ୟ ଆହତ ହୋଇ ବାହାରି ଫେରାର ହୋଇଯାଇଥିଲେ। ହତ୍ୟା କରି ଦୁର୍ଘଟଣା ରୂପ ଦେଇଥିବା ଅଭିଯୋଗ କରି ଫେରାର ୩ଜଣଙ୍କୁ ଧରିବା ଓ ସତ୍ୟାସତ୍ୟ ବାହାର କରିବା ଦାବିରେ ମୃତକଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ଗୋଡ଼ଭଗା ଫାଣ୍ଡି ଘେରାଉ କରିଥିଲେ। ଶତାଧିକ ଲୋକ ଫାଣ୍ଡିରେ ରୁଣ୍ଡ ହୋଇ ଦାବି କରିବା ପରେ ଗୋଡ଼ଭଗା ପୋଲିସ ଦୁର୍ଘଟଣାରେ କାରରେ ଥିବା ୩ଜଣଙ୍କୁ ଥାନାକୁ ଆଣିଥିଲେ। ଏ ନେଇ ଅତାବିରା ଥାନାରେ ବେପୁରିଆ ଗାଡି ଚାଳନାକୁ ନେଇ ଏକ ଦୁର୍ଘଟଣା ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ରାତ୍ରି ୮ଟା ସୁଦ୍ଧା ଗୋଡ଼ଭଗା ଫାଣ୍ଡିରେ ଲୋକେ ରୁଣ୍ଡ ହୋଇ ରହିଛନ୍ତି।

### ନୂତନ ବର୍ଷର ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା

**ପାଇକମାଳ,୩।୮(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅଧକ୍ଷ ଶ୍ୟାମଲାଲ ପ୍ରଧାନଙ୍କ ସଭାପତିତ୍ୱରେ ନୂତନବର୍ଷ ଛାତ୍ରୀଛାତ୍ରମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଓଜ୍ଜ ଯୋଗଦେଇଥିଲେ। ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରମାନେ ପ୍ରଥମବର୍ଷ ଛାତ୍ରୀଛାତ୍ରମାନଙ୍କୁ କିଭଳି ସ୍ୱାଗତ କରିବେ ଓ ଉଭୟ ବର୍ଷର ଛାତ୍ରୀଛାତ୍ରମାନେ ତାଙ୍କର ଭବିଷ୍ୟତ ଜୀବନକୁ ଉଜ୍ଜଳମୟ କରିବେ ସେ ବିଷୟରେ ଅବଗତ କରିଥିଲେ। ପାଇକମାଳ ଏବିଇଓ ରାଧେଶ୍ୟାମ ମେହେର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିଶାମୁକ୍ତ ରହିବା ସହିତ ଅନୁଷ୍ଠାନ ନୀତିନିୟମ ମାନି ଚଳିଲେ ଭବିଷ୍ୟତରେ ଉତ୍ତମ ମଣିଷରେ ପରିଗଣିତ ହେବେ ବୋଲି କହିଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପିକା ନିରୁପମା ପଧାନ ସଭା ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଜୟଦେବ ପ୍ରଧାନ ଅନୁଷ୍ଠାନ ଇତିହାସ ବିଷୟରେ କହିଥିଲେ। ଲାଇବ୍ରେରିୟନ ପ୍ରଶାନ୍ତ କୁମାର ସାହୁ, ଅଧ୍ୟାପକ ହିମାଂଶୁ ଶେଖର ପ୍ରଧାନ, ଅଧ୍ୟାପକ ଫିରୋଜ ସାହୁ, ଇଲାଇବ୍ରେରୀ, ଶ୍ରେଣୀ କୋଠରି, ଇପୋର୍ଟାଲ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ଅନୁଷ୍ଠାନ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ଓଡ଼ିଆ ଅଧ୍ୟାପିକା ସବିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକ ସଭାରେ ଗନ୍ଧମାର୍ଦ୍ଦନ ପାହାଡ଼ ବନସ୍ପତି ସର୍ଭେ ଦାବି ଉଠାଇଲେ ବରଗଡ଼ ଏମ୍‌ପି

**ପଦ୍ମପୁର,୩।୮(ପ୍ରଦୀପ୍ତ ଦାଶ)**



ଲୋକ ସଭାରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ।

ବରଗଡ଼ ଜିଲା ପାଇକମାଲସ୍ଥିତ ବିଶ୍ୱପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼ରେ ଥିବା ଉଦ୍ଭିଦ ଓ ଔଷଧୀୟ ବନସ୍ପତିଗୁଡ଼ିକର ପୁଣିଥରେ ସର୍ଭେ ହେବ। ଲୋକ ସଭାରେ ଏହି ଘୋଷଣା କରିଛନ୍ତି କେନ୍ଦ୍ର ଆୟୁଷ ବିଭାଗ ମନ୍ତ୍ରୀ ପ୍ରତାପରାଓ ଯାଦବ। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼ରେ ପ୍ରାୟ ୨ ହଜାର ପ୍ରଜାତିର ବୃକ୍ଷଲତା ରହିଛି। ସେହିପରି ଏଠାରେ ୨୨୨ ପ୍ରକାର ଦୁର୍ଲଭ ଔଷଧୀୟ ବୃକ୍ଷ ରହିଥିବା ତଥ୍ୟ ରହିଛି। ତେବେ ଓଡ଼ିଶାର ପୂର୍ବତନ ସରକାର ଏହି ପାହାଡ଼ରୁ ଖଣି ଖନନ ଲାଗି ପ୍ରୟାସ ଆରମ୍ଭ କରିଥିଲେ। ଯାହାକୁ ସେତେବେଳେ ସ୍ଥାନୀୟ ଲୋକ ବିରୋଧ କରିଥିଲେ। ଫଳରେ ସରକାରଙ୍କୁ ଲୋକଙ୍କ ପ୍ରତିବାଦ ଆଗରେ ମୁଣ୍ଡ ନୁଆଁଇବାକୁ ପଡ଼ିଥିଲା। ଏବେ କେନ୍ଦ୍ର ସରକାର ଏହି ପାହାଡ଼ରେ ସର୍ଭେ କରିବା ସହ ପାଇକମାଳରେ ଥିବା ଆୟୁର୍ବେଦ ମହାବିଦ୍ୟାଳୟର ପରିଚାଳନା ଭାର ହାତକୁ ନେବା ପାଇଁ ଏମ୍‌ପି ପୁରୋହିତ ଦାବି କରିଥିଲେ। ଏହାର ଜବାବରେ କେନ୍ଦ୍ର ଆୟୁଷ ବିଭାଗ ମନ୍ତ୍ରୀ ପ୍ରତାପରାଓ ଗଣପତରାଓ ଯାଦବ ଗୃହରେ ସୂଚନା ଦେଇଥିଲେ ଯେ, ୨୦୦୯ରେ ଭାରତୀୟ ବନସ୍ପତି ସର୍ବେକ୍ଷଣ ସଂସ୍ଥା ଗନ୍ଧମାର୍ଦ୍ଦନ ପାହାଡ଼ରେ ସର୍ଭେ କରିଥିଲା। ଏଥିରୁ ଜଣାପଡ଼ିଥିଲା ଯେ, ଏହି ପାହାଡ଼ରେ ୯୧୨ ପ୍ରଜାତିର ଉଦ୍ଭିଦ ରହିଥିବା ବେଳେ ଏଥିରୁ ୩୪୫ ପ୍ରଜାତିର ଔଷଧୀୟ ବୃକ୍ଷଲତା ରହିଛି। ତେବେ ଓଡ଼ିଶା ସରକାରଙ୍କ ରିପୋର୍ଟ ଅନୁସାରେ, ଏଠାରେ ରହିଛି ୨୨୦ ପ୍ରଜାତିର ଔଷଧୀୟ ବୃକ୍ଷ। ଏହି ପାହାଡ଼ରେ ଆୟୁର୍ବେଦର ଭଣ୍ଡାର ରହିଥିବାରୁ ସେ ସମ୍ପର୍କରେ ଅଧିକ ତଥ୍ୟ ହାସଲ ତଥା ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଅବଗତ ହେବାକୁ ପୁଣି ଥରେ ଏହାର ସର୍ଭେ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଲୋକ ସଭାରେ କହିଛନ୍ତି। ତେବେ ପାଇକମାଲ ଆୟୁର୍ବେଦ ମହାବିଦ୍ୟାଳୟକୁ ଅଧିଗ୍ରହଣ କରିବା ପ୍ରସ୍ତାବ ଏବେ ଆୟୁଷ ମନ୍ତ୍ରାଳୟର ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଜ୍ଞାନବିଜ୍ଞାନ ମେଳାରେ ୨୮୭ ପ୍ରକଳ୍ପ

**ବରଗଡ଼,୩।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ) ପରିସରରେ ଶନିବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜ୍ଞାନବିଜ୍ଞାନ ମେଳାର ଅରୁଣ ବର୍ଗରୁ ୭୬, ଉଦୟ ବର୍ଗରୁ ୯୧, ଶିଶୁ ବର୍ଗରୁ ୭୭, ବାଳ ବର୍ଗରୁ ୨୯, କିଶୋର ବର୍ଗରୁ ୮, ମୂର୍ତ୍ତିକଳାରେ ୪ ଏବଂ ଦେଶାତ୍ମବୋଧକରେ ୨ ଅର୍ଥାତ୍ ସମୁଦାୟ ୨୮୭ପ୍ରକଳ୍ପ ସ୍ଥାନିତ ହୋଇଥିଲା। କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ଶିଶୁରୋଗ ବିଶେଷଜ୍ଞ ଡା. ଅମିତ କୁମାର ଭୋଇ, ପରିଚାଳନା ସମିତିର ସମ୍ପାଦକ ସନ୍ତୋଷ ପଣ୍ଡା, ସହସମ୍ପାଦକ ଡିଲେଶ୍ୱର କର୍ମୀ, ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳ, ସହପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାପନୀ ସମାରୋହରେ ଜ୍ୟୋତିରଞ୍ଜନ ମିଶ୍ର(ପଶ୍ଚିମ ସମ୍ଭାଗ ଶୈକ୍ଷିକ ସଂଯୋଜକ), ଶିବ ପ୍ରସାଦ ବାଗ(ପଶ୍ଚିମ ସମ୍ଭାଗର କୋଷାଧକ୍ଷ), ବିଦ୍ୟାଳୟର ପୂର୍ବତନ ଛାତ୍ର ଡା. ସିଦ୍ଧାର୍ଥ ମହାପାତ୍ର, ଗୌରୀଶଙ୍କର ପଣ୍ଡା(ଯୁଗ୍ମ ସମ୍ପାଦକ), ସୁବାସ ଚନ୍ଦ୍ର ସାହୁ(ଅଖିଳ ଭାରତୀୟ ଶିଶୁ ବାଟିକା ସଦସ୍ୟ), ପୂର୍ବତନ ଗୁରୁଜୀ ଲଳିତ ବିଶ୍ୱାଳ, ପ୍ରଧାନ ଆଚାର୍ଯ୍ୟ ବିଶ୍ୱାଳ, ସହପ୍ରଧାନ ଆଚାର୍ଯ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ମୀନକେତନ ଦାଶଙ୍କ ସମେତ ଅନ୍ୟ ସମସ୍ତ ଗୁରୁମା, ଗୁରୁଜୀ, ସେବିକା, ସେବକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜ୍ଞାନ ବିଜ୍ଞାନ ମେଳାରେ ମଞ୍ଚାସୀନ ଅତିଥିବୃନ୍ଦ।

## ସରକାରଙ୍କ ଯୋଜନା କାର୍ଯ୍ୟକାରୀ କର

**ସୋହେଲା,୩।୮(ଅଶ୍ୱିନୀ କୁମାର ପାତ୍ର)**



ସମିତି ବୈଠକରେ ଉପସ୍ଥିତ ବିଧାୟକ, ବ୍ଲକ ଅଧ୍ୟକ୍ଷା, ବିଡିଓ ଏବଂ ଅନ୍ୟମାନେ।

**ସୋହେଲା ପଞ୍ଚାୟତ ସମିତି ବୈଠକ**

ବରଗଡ ଜିଲା ସୋହେଲା ବ୍ଲକ ସଭା ଗୃହରେ ଶନିବାର ପଞ୍ଚାୟତ ସମିତିର ୫ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ବବି ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଭାବେ ବରଗଡ ଏମ୍‌ପି ସୋହେଲା ବ୍ଲକ ପ୍ରତିନିଧି ଗୋବିନ୍ଦା ପ୍ରଧାନ ଯୋଗଦେଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଅତିଥିମାନଙ୍କୁ ବିଡିଓ ସୁରେନ୍ଦ୍ର ମେହେର ସ୍ୱାଗତ କରିଥିଲେ। ସଭା ଗୃହରେ ଉପସ୍ଥିତ ଥିବା ସମସ୍ତଙ୍କ ପରିଚୟ ଆଦାନ ପ୍ରଦାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ବ୍ଲକ ଅଧିକାରୀଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ବିଜୁଳି, ଗ୍ରାମ୍ୟ ଉନ୍ନୟନ ବିଭାଗ, କୃଷି, ଉଦ୍ୟାନ କୃଷି ବିଭାଗର ଅଧିକାରୀମାନେ ଯୋଗଦେଇ ସେମାନଙ୍କ ବିଭାଗରେ ଚାଲିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରି ନିର୍ବାଚିତ ପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ଭଟଲି ନିର୍ବାଚନମଣ୍ଡଳୀରେ ଘରକୁ ଘର ପିଇବା ପାଇଁ ପାଣି ଯୋଗାଇ ଦେବାକୁ ଠିକା ନେଇଥିବା ସଂସ୍ଥା ସୋହେଲା ବ୍ଲକରେ କାର୍ଯ୍ୟ ଆରମ୍ଭ କରି ନ ଥିବାରୁ ବିଧାୟକ ଉଦବେଗ ପ୍ରକାଶ କରିଥିଲେ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଯେପରି ପ୍ରତ୍ୟେକ ଘରକୁ ପିଇବା ପାଇଁ ପାଣି ଯୋଗାଇ ଦିଆଯିବ ସେଥି ପ୍ରତି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପାଣିମୋରାରେ ଏଏନଏମ୍ ପୋଷ୍ଟ, ସାଲେପାଲି ହାଇସ୍କୁଲରେ ପିଅନ ପୋଷ୍ଟ ଖାଲି ଥିବା ଅଭିଯୋଗ ହୋଇଥିଲା। ଘେଁସ ଡାକ୍ତରଖାନାରେ ଜଣେ ମାତ୍ର ଡାକ୍ତର ଥିବାରୁ ତାଙ୍କୁ ପ୍ରତି ସପ୍ତାହରେ ସୋହେଲା ଡାକ୍ତରଖାନାକୁ ଡେପୁଟେଶନରେ ଅଣା ଯାଉଥିବା ସରପଞ୍ଚ ଅଭିଯୋଗ କରିଥିଲେ। ସୋହେଲା ବ୍ଲକରେ ୯୦% ଚାଷ କାର୍ଯ୍ୟ ସରିଯାଇଥିଲେ ମଧ୍ୟ ସମବାୟ ସମିତି ପକ୍ଷରୁ ସାର ଚାଷୀମାନଙ୍କୁ ଯୋଗାଇ ଦିଆଯାଇ ନାହିଁ ବୋଲି ଅଭିଯୋଗ ହୋଇଥିଲା। କୃଷକ ସାଥୀମାନେ ମଧ୍ୟ ସେମାନେ କାମ ଠିକ ଭାବେ କରୁନାହାନ୍ତି ବୋଲି ଅଭିଯୋଗ ହୋଇଥିଲା। ଏଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ ଆଚାର୍ଯ୍ୟ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୋହେଲାରେ ଗୋଟିଏ ଶୀତଳ ଭଣ୍ଡାର ଓ ଗୋଶାଳା ଖୋଲାଯିବ ବୋଲି ବିଧାୟକ ପ୍ରକାଶ କରି ଏ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ପ୍ରତ୍ୟେକ ବିଭାଗର ଅଧିକାରୀଙ୍କୁ ପ୍ରଶ୍ନ ପଚାରିବା ସହିତ ସେମାନଙ୍କ ବିଭାଗର ସମସ୍ୟା ପଚାରି ବୁଝିଥିଲେ। ଶେଷରେ ବିଧାୟକ ନିର୍ବାଚିତ ପ୍ରତିନିଧିଙ୍କୁ ନିଜ ନିଜର ମର୍ଯ୍ୟାଦା ରଖି ଅଧିକାରୀମାନଙ୍କ ସହିତ ସୁସମ୍ପର୍କ ରଖି ଲୋକଙ୍କ ସେବା ଓ ସରକାରଙ୍କ ଯୋଜନା କାର୍ଯ୍ୟକାରୀ କରିବାକୁ କହିଥିଲେ। ମଞ୍ଚରେ ବ୍ଲକ ଅଧ୍ୟକ୍ଷା ପ୍ରଧାନ, ବିଡିଓ ମେହେର, ବିଧାୟକ ଆଚାର୍ଯ୍ୟ, ଏବିଡିଓ ଭିରଜିଲ ଲାକ୍ରା ଓ ଏମ୍‌ପି ପ୍ରତିନିଧି ଗୋବିନ୍ଦା ପ୍ରଧାନ ମଞ୍ଚାସୀନ ଥିଲେ। ବୈଠକକୁ ଏବିଡିଓ ଭିରଜିଲ ଲାକ୍ରା ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ପଥରରେ ଛେଚି ହତ୍ୟା, ତଦନ୍ତ ଜାରି

**ରାଉରକେଲା, ୩।୮ (ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲୀ ସ୍ଥିତ ବୈଷ୍ଣୋଦେବୀ ମନ୍ଦିର ପାହାଡରେ ଶନିବାର ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଏ ନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି ଏବଂ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ମୃତକଙ୍କ ବୟସ ପ୍ରାୟ ୩୫ବର୍ଷ ଏବଂ ତାଙ୍କ ପରିଚୟ ମିଳିପାରିନାହିଁ ବୋଲି ଜୋନ୍-୨ର ଡିଏସ୍‌ପି ନିର୍ମଳ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଶନିବାର କିଛି ଲୋକ ଉକ୍ତ ପାହାଡ଼ ଉପରକୁ କାଠ ଆଣିବାକୁ ଯାଇଥିଲେ। ସେଠାରେ ଉକ୍ତ ଯୁବକ ଅଚେତ ଅବସ୍ଥାରେ ପଡ଼ିଥିଲେ। ତାଙ୍କ ମୁଣ୍ଡକୁ ପଥରରେ ଛେଚା ଯାଇଥିବାରୁ ଅତ୍ୟଧିକ ରକ୍ତସ୍ରାବ ହେଉଥିଲା। ଖବର ପାଇ ପୋଲିସ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଉକ୍ତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ଚିହ୍ନି ନ ଥିବା କହିଛନ୍ତି। ସୂଚନାଯୋଗ୍ୟ, ରାଉରକେଲାରେ କିଛିଦିନ ହେଲା ହତ୍ୟା ମାମଲା ବଢୁଥିବା ଦେଖିବାକୁ ମିଳିଛି। ଚଳିତ ସପ୍ତାହରେ କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଥିଲା। ସେହିପରି ଲାଠିକଟା ଅଞ୍ଚଳରେ ଜଣେ ସାଇକେଲ ଦୋକାନୀଙ୍କୁ ସମାନ ରୂପେ ପଥରରେ ଛେଚି ହତ୍ୟା କରାଯାଇଥିଲା।

### ଯୁବକଙ୍କୁ ଛୁରିରେ ଆକ୍ରମଣ ଅଭିଯୋଗ

**ରାଉରକେଲା, ୩।୮ (ସଙ୍ଗୀତା ଜେନା):** ରଘୁନାଥପାଲୀ ଥାନା ଅନ୍ତର୍ଗତ ଏସ୍‌ଟିଆଇ ଅଞ୍ଚଳରେ ଶନିବାର ସକାଳେ ଜଣେ ଯୁବକଙ୍କୁ ଛୁରିରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଜଣେ ଯୁବକ ଆହତ ହୋଇ ଆର୍‌ଜିଏଚ୍‌ରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣକାରୀ ଫେରାର ଅଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୩୮୧/୨୪) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ସୁରେନ୍ଦ୍ର ସାହୁ(୨୬) ଓ ବଜରଙ୍ଗ ପ୍ରଧାନ(୨୨) ଏସ୍‌ଟିଆଇରେ ଏକତ୍ର ମଦ୍ୟପାନ କରୁଥିଲେ। କୌଣସି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବଜରଙ୍ଗ ସୁରେନ୍ଦ୍ରଙ୍କ ପେଟକୁ ଛୁରିରେ ଭୁସି ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ଆହତଙ୍କ ବଡ଼ଭାଇ ଜିତେନ୍ଦ୍ର ସାହୁ ଏ ନେଇ ଥାନାରେ ଏତଲା ଦେଇଛନ୍ତି।

### ରାଜପଥରେ ଜଳିଗଲା ସିମେଣ୍ଟ ବୋଝେଇ ଟ୍ରକ୍

**ବଡ଼ଗାଁ, ୩।୮ (ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଡେମୁପଡା ନିକଟ ରାଜ୍ୟ ରାଜପଥ ୧୦ରେ ଶୁକ୍ରବାର ସନ୍ଧ୍ୟା ସାଢ଼େ ୭ଟାରେ ରାଜଗାଙ୍ଗପୁରଠାରୁ ସୁନ୍ଦରଗଡ଼ ପଟକୁ ଯାଉଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ ସଟ ସାର୍କିଟ ହୋଇ ନିଆଁ ଲାଗିଯିବାରୁ ଜଳି ଯାଇଛି। ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ୩୩୩ ହେକ୍ଟର ଜମିରେ ହେବ ଉଦ୍ୟାନ ଚାଷ

**୨୦୨୪-୨୫ ଆର୍ଥିକ ବର୍ଷ**

**ତଦାରଖ ପାଇଁ ୩ ବ୍ଲକରେ ନାହାନ୍ତି ଅଧିକାରୀ**

**ରାଉରକେଲା, ୩।୮ (ବିପ୍ଳବ ରଞ୍ଜନ ଦାଶ)**



ଚାଷୀମାନେ ଫାର୍ମରୁ ଆମ୍ବ ଚାରା ସଂଗ୍ରହ କରୁଛନ୍ତି।

ରାଉରକେଲାର ପାନପୋଷ ଉଦ୍ୟାନ ଉପଖଣ୍ଡ କାର୍ଯ୍ୟାଳୟ ଅଧୀନରେ ନୂଆଁଗା, ଲାଠିକଟା, କୁଆଁରମୁଣ୍ଡା ଏବଂ ବିଶ୍ରା ସହକାରୀ ଉଦ୍ୟାନ ବିଭାଗ କାର୍ଯ୍ୟ କରୁଛି। ସେହିପରି ଏହି ୪ଟି ବିଭାଗ ପକ୍ଷରୁ ପାଖାପାଖି ୫ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଚାଷୀମାନଙ୍କୁ ନେଇ ବାର୍ଷିକ ଖସଡା ପ୍ରସ୍ତୁତ କରାଯାଉଛି। ତେବେ ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ ପାନପୋଷ ଉଦ୍ୟାନ ବିଭାଗ ପକ୍ଷରୁ ରାଜ୍ୟ ଉଦ୍ୟାନ ଯୋଜନାରେ ୧୨୦ ହେକ୍ଟର ଜମିରେ ବିଲାତି, ଫୁଲକୋବି ଏବଂ ପତ୍ରକୋବି ଆଦି ଚାଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ସେହିପରି ଏହି ଯୋଜନାରେ ଚାଷୀମାନଙ୍କୁ ପ୍ରତି ହେକ୍ଟର ପିଛା ୨୦ହଜାର ଟଙ୍କା ଲେଖାଏଁ ସବ୍‌ସିଡି ପ୍ରଦାନ କରାଯିବାର ରହିଛି। ଏଥିପାଇଁ ଉକ୍ତ ବ୍ଲକର ମୋଟ ୬ଶହ ଉଦ୍ୟାନ ଚାଷୀଙ୍କୁ ପଞ୍ଜୀକୃତ କରାଯାଇଛି।

ଅନ୍ୟପଟେ ଚଳିତ ଆର୍ଥିକ ବର୍ଷରେ ୪ବ୍ଲକର ଚାଷୀମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ୧୬୩ ହେକ୍ଟର ଜମିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଆମ୍ବ, ପିଜୁଳି, ଲିଚୁ, ଲେମ୍ବୁ ଓ କାଜୁ ଆଦି ଫଳଚାଷ କରାଯିବାକୁ ଚୂଡାନ୍ତ ହୋଇଛି। ଏଥିପାଇଁ ୧୪୩ଜଣ ଚାଷୀଙ୍କୁ ପଞ୍ଜୀକୃତ କରାଯାଇଛି। ସେହିପରି ୪ଟି ବ୍ଲକର ୫୦ହେକ୍ଟର ଜମିରେ ଫୁଲ ଚାଷ ପାଇଁ ଧାର୍ଯ୍ୟ ହୋଇଛି। ତେବେ ବିଭାଗ ପକ୍ଷରୁ ଉଦ୍ୟାନ ଚାଷ ପାଇଁ ଏତେସବୁ କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଇଥିବାବେଳେ ବିଶ୍ରା ଏବଂ କୁଆଁରମୁଣ୍ଡା ବ୍ଲକରେ ଉଦ୍ୟାନ ଅଧିକାରୀ ପଦବୀ ପୂରଣ ନ ହେବା ଏବଂ ନୁଆଗାଁ ବ୍ଲକରେ ବିଭାଗୀୟ ଅଧିକାରୀ ୭ମାସ ହେଲା ଛୁଟିରେ ରହିବା ଚିନ୍ତାର ବିଷୟ ସାଜିଛି। କେବଳ ଲାଠିକଟା ବ୍ଲକ ଉଦ୍ୟାନ ଅଧିକାରୀଙ୍କ ଭରସାରେ ୪ ବ୍ଲକର ଉଦ୍ୟାନ ଚାଷ ଜନିତ କାର୍ଯ୍ୟକ୍ରମ ଚାଲିଛି। ଫଳରେ ସରକାରୀ ଯୋଜନାର ଲାଭ ଉଦ୍ୟାନ ଚାଷୀମାନଙ୍କୁ ଠିକ୍ ଭାବେ ମିଳିପାରୁ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ରିକ୍ତ ପଦପଦବୀ ବର୍ଷ ବର୍ଷ ଧରି ପୂରଣ ହେଉନାହିଁ। ଏଣୁ ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହେଉଛି।

ଏ ନେଇ ପାନପୋଷ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଦୁଷ୍ମନ୍ତ ବେହେରାଙ୍କୁ ପଚାରିବାରୁ ସେ କହିଲେ, ବିଭାଗରେ ବହୁ ପଦ ପଦବୀ ଦୀର୍ଘବର୍ଷରୁ ଖାଲି ପଡିଛି। ସରକାର ଉଦ୍ୟାନ ଚାଷୀ ଓ ଚାଷର ଉନ୍ନତି ପାଇଁ ବହୁ ଯୋଜନା କରିଛନ୍ତି। ମାତ୍ର ସମୁଦାୟ ଯୋଜନା କାର୍ଯ୍ୟକାରୀ କରିବାକୁ ଆବଶ୍ୟକ ଅଧିକାରୀ ଏବଂ କର୍ମଚାରୀ ଅଭାବ ବିଭାଗ ପାଇଁ ମୁଣ୍ଡବିଧା ସାଜିଛି। ଏହି ସମସ୍ୟା ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ନିର୍ଦ୍ଦେଶକ ବେହେରା କହିଛନ୍ତି।

# ଗାଡ଼ି ଶୋରୁମ୍‌ରେ ଜିଏସ୍‌ଟି ଚଢ଼ାଉ, ୭୦ ଲକ୍ଷ ଜରିମାନା

**ରାଉରକେଲା, ୩।୮ (ସଙ୍ଗୀତା ଜେନା)**

ପାନପୋଷ ରୋଡ୍ ସ୍ଥିତ ଏକ ସ୍କୁଟି ଓ ବାଇକ୍ ଶୋରୁମ୍‌ରେ ଶନିବାର ମଧ୍ୟାହ୍ନରେ କେନ୍ଦ୍ରୀୟ ଜିଏସ୍‌ଟି ପକ୍ଷରୁ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ଉକ୍ତ ଶୋରୁମ୍‌ରେ କିଛି ଦିନ ହେଲା ବିକ୍ରି ହୋଇଥିବା ସ୍କୁଟି ଓ ବାଇକ୍ ଗୁଡ଼ିକର ଜିଏସ୍‌ଟି ଦେୟ ଜମା କରାଯାଇ ନ ଥିବା ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି କେନ୍ଦ୍ରୀୟ ଜିଏସ୍‌ଟିର ଏକ ଟିମ୍ ଚଢ଼ାଉ କରିଥିଲା। ଚଢାଉ ବେଳେ ଯାନବାହନର କାଗଜପତ୍ର ଜବତ କରି ଯାଞ୍ଚ କରାଯାଇଛି। ଏହାସହ ପ୍ରାୟ ୭୦ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ନେଇ ସମ୍ପୃକ୍ତ ଶୋରୁମ୍ ମାଲିକଙ୍କୁ ନୋଟିସ ଜାରି କରାଯାଇଛି।

# ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନବାଗତ ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ଅଭିଭାବକ ।

**ରାଉରକେଲା, ୩।୮ (ବିପ୍ଳବ ରଞ୍ଜନ ଦାଶ)**

ବେଦବ୍ୟାସ ସଂସ୍କୃତ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ବୈଦିକ ପରମ୍ପରା ଅନୁସାରେ ସ୍ୱାଗତ କରାଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ୱାମୀ ଅଗ୍ନିବାବା ଯୋଗଦାନ କରି କହିଥିଲେ, ସନାତନ ବୈଦିକ ସଂସ୍କୃତିରେ ସାମିଲ ହୋଇଛି। ଏଣୁ ସାମିଲ ହୋଇଥିବା ଏହି ଅଂଶ ବୈଦିକ ଶାସ୍ତ୍ରରେ ପାରଙ୍ଗମ ହୋଇ ବିଶ୍ୱର କଲ୍ୟାଣ ଏବଂ ମଙ୍ଗଳାର୍ଥେ ବୈଦିକ ଯାଗଯଜ୍ଞର ପୁରୋଧା ହେବା ନିତାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ଏହାପରେ କଲେଜର ନୂତନ ଛାତ୍ରୀଛାତ୍ରମାନଙ୍କ ସହିତ ସମ୍ବଲପୁରୀ ଦିନ୍ ପାଳିତ ହୋଇଥିଲା। ପିଲାମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ସଙ୍ଗୀତ ପରିବେଷଣ କରାଗଲା। ପରେ ନବାଗତ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ମାନଙ୍କୁ କଲେଜର ଅଧ୍ୟାପିକା ଅଧ୍ୟାପକ ମାନଙ୍କ ସହିତ ପରିଚିତ କରାଯାଇଥିଲା। ଏଥିସହ ପୁସ୍ତକାଗାରରେ ବୈଦିକ ସଂସ୍କୃତ ପୁସ୍ତକ ଗୁଡିକ ବିଷୟରେ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡକ୍ଟର ପରମେଶ୍ୱର ଶତପଥି, କାଳୀ କିଙ୍କର ପଣ୍ଡା, କେଦାରନାଥ ପାଢୀ, ଶିବ ପ୍ରସାଦ ପାଠୀ, ସନ୍ତୋଷ କୁମାର ଲେଙ୍କା, ରବିନ୍ଦ୍ର କୁମାର ପୃଷ୍ଟି ଓ ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱ ମାତୃ ସ୍ତନ୍ୟପାନ ସପ୍ତାହ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

**ରାଉରକେଲା, ୩।୮ (ଦିନେଶ ମିଶ୍ର)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ସ୍ନେହୀ ମହିଳା ସମିତି ଓ ସଞ୍ଜିବିତ୍ ମଲ୍ଟି ସ୍ପେଶାଲିଷ୍ଟ ହେଲ୍‌ଥର ମିଳିତ ଆନୁକୂଲ୍ୟରେ ଶନିବାର ବିଶ୍ୱ ମାତୃ ସ୍ତନ୍ୟପାନ ସପ୍ତାହ ଛେଣ୍ଡ ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମହିଳା ସମିତି ସଭାନେତ୍ରୀ ସବିତା ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ଡାକ୍ତର ଗୋକୁଳାନନ୍ଦ ସାହୁ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପରମାନନ୍ଦ ରଥ ଓ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ପ୍ରତିଭା ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏକ ଶିଶୁ ପାଇଁ ମା' କ୍ଷୀରର ବିକଳ୍ପ ନାହିଁ। ସେମାନଙ୍କୁ ସଠିକ୍ ଓ ବିଜ୍ଞାନସମ୍ମତ କୌଶଳ ବିଷୟରେ ଅବଗତ କରାଇବା ସମୟରେ ସତର୍କତା ଅବଲମ୍ବନ କରିବା ପାଇଁ ଡାକ୍ତର ଷଡଙ୍ଗୀ ଆଲୋକପାତ କରିଥିଲେ। ଶିବିରରେ କଲୋନୀରେ ଥିବା ବିଭିନ୍ନ ଅଙ୍ଗନୱାଡି କର୍ମୀ ମହିଳାମାନଙ୍କ ସହ ନିକଟବର୍ତ୍ତୀ ବସ୍ତିମାନଙ୍କରୁ ବହୁ ସଂଖ୍ୟାରେ ଗର୍ଭବତୀ ମହିଳା ଉପସ୍ଥିତ ଥିଲେ। ମହିଳା ସମିତିର ସଦସ୍ୟା ନମିତା ଆଚାର୍ଯ୍ୟ, ଗୀତା ସେନାପତି, ସାବିତ୍ରୀ ଦାସ, ସୁପ୍ରିୟା ମହାନ୍ତି, ଗୀତା ମିଶ୍ର, ସୁଗ୍ନା ସାମନ୍ତରାୟ, ମିନୁରାଣୀ ମହାପାତ୍ର, ପ୍ରୀତି କୁମାରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଗଛରୁ ପଡି ଗୁରୁତର ଯୁବକ ମୃତ

**ରାଉରକେଲା, ୩।୮ (ଦିନେଶ ମିଶ୍ର):** ବନ୍ଧମୁଣ୍ଡା ଡୁମେର୍ତ୍ତା ଅଞ୍ଚଳରେ ଜଣେ ଯୁବକ ଗଛରୁ ଖସି ପଡି ଆର୍‌ଜିଏଚ୍‌ରେ ଚିକିତ୍ସିତ ହେଉଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଜଷ୍ଟିନ ଖାଲକୋ(୩୪)। ସୂଚନାଯୋଗ୍ୟ, ଜଷ୍ଟିନ ଗତ ବୁଧବାର ସନ୍ଧ୍ୟାରେ ଘର ପାଖରେ ଥିବା ଏକ ବରଗଛରେ ଚଢି ଡାଳ କାଟୁଥିବାବେଳେ ତଳକୁ ଖସି ପଡିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ବନ୍ଧମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

### ଚିକିତ୍ସାଧୀନ ଅବସ୍ଥାରେ ମହିଳା ମୃତ

**ରାଉରକେଲା, ୩।୮ (ସଙ୍ଗୀତା ଜେନା):** ଗତ ୨୭ ତାରିଖରେ ପାନପୋଷ ଷ୍ଟେଶନରେ ଏକ ଯାତ୍ରୀବାହୀ ଟ୍ରେନରୁ ପଡ଼ି ଆହତ ହୋଇଥିବା ଜଣେ ମହିଳା ଶୁକ୍ରବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ପାନପୋଷ ବସ୍ତିର ମମତା ଅଗ୍ରୱାଲ(୩୭)। ଏ ନେଇ ଜିଆର୍‌ପି ପୋଲିସ ଏକ ମାମଲା (ନଂ.୫୧/୨୪) ରୁଜୁ କରିଛି। ମମତା ଟ୍ରେନରୁ ଓହ୍ଲାଉଥିବା ବେଳେ ତଳେ ପଡ଼ିଯାଇ ଆହତ ହୋଇଥିଲେ। ତାଙ୍କୁ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

# ଆରସିସିଆଇ ଭବନରେ ମେଗା ସ୍ୱାସ୍ଥ୍ୟ ଶିବିର



ଶିବିରରେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ରାଉରକେଲା, ୩।୮ (ସଙ୍ଗୀତା ଜେନା)**

ରାଉରକେଲା ବଣିକ ସଂଘ (ଆରସିସିଆଇ) ଆନୁକୂଲ୍ୟରେ ସେକ୍ଟର-୧୯ ଆପୋଲୋ ହସ୍ପିଟାଲର ମିଳିତ ସହଯୋଗରେ ଶନିବାର ପୂର୍ବାହ୍ନରେ ଆରସିସିଆଇ ଭବନରେ ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଆପୋଲୋ ହସ୍ପିଟାଲର ବିଭିନ୍ନ ବିଭାଗର ଡାକ୍ତର ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପରାମର୍ଶ ଦେଇଥିଲେ। ଶିବିରରେ କାର୍ଡିଓଲୋଜି ବିଭାଗର ଡା. ଆଶିଷ ହୋତା, ନ୍ୟୁରୋଲୋଜିର ଡା. ଅଭିଷେକ ନନ୍ଦ, ଇଣ୍ଟରନ୍ୟାଶନାଲ ମେଡ଼ିସିନ ବିଭାଗର ଡା. ଦେବାଶିଷ ନାୟକ, ଅର୍ଥୋପେଡିକ୍ସର ଡା. ବରୁଣ ପଟେଲ, ଜେନେରାଲ ସର୍ଜରୀ ବିଭାଗର ଡା. ଅଭିଜିତ ସାମଲ, ହସ୍ପିଟାଲର ଜିଏମ୍ ଅନିମେଶ କୁମାର, ସିଇଓ ଅଖିଳ ଜୈନ ପ୍ରମୁଖ ସେବା ପ୍ରଦାନ କରିଥିଲେ। ଏହି ଅବସରରେ ଶତାଧିକ ରୋଗୀଙ୍କ ଇସିଜି, ରକ୍ତଶର୍କରା, ରକ୍ତଚାପ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆରସିସିଆଇର ଅଧ୍ୟକ୍ଷ ପ୍ରଭାତ ଟିବ୍ରିୱାଲ, ଉପସଭାପତି ସନ୍ତୋଷ ଅଗ୍ରୱାଲ, ବିଶ୍ୱନାଥ ଦେ, ସାଧାରଣ ସମ୍ପାଦକ ଶୁଭମ୍ କପୁର, ଅର୍ଥ ସମ୍ପାଦକ ମନୀଷ ମୋଦୀ, ପିଆର୍‌ଓ ସମ୍ପାଦକ ମିଳନ ମୋଦୀ, ପୂର୍ବତନ ଅଧ୍ୟକ୍ଷ ବ୍ରିଜମୋହନ ଅଗ୍ରୱାଲ, ଅନୁପମ ଯୋଶୀଙ୍କ ସମେତ ଶତାଧିକ ସଦସ୍ୟ ସହଯୋଗ କରିଥିଲେ।

# ଉଠୁନି ଅଳିଆ: ଡେଙ୍ଗୁ, ମ୍ୟାଲେରିଆକୁ ନିମନ୍ତ୍ରଣ

**ରାଉରକେଲା, ୩।୮ (ଦିନେଶ ମିଶ୍ର)**



ସେକ୍ଟର-୨ ରାସ୍ତାକଡ଼ରେ ପଡିଥିବା ଅଳିଆ ଆବର୍ଜନା।

ରାଉରକେଲା ସହରର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଦୀର୍ଘଦିନ ଧରି ପଡିରହୁଛି। ଏହାକୁ ଠିକ୍ ସମୟରେ ଉଠାଯାଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଦୃଶ୍ୟ ସେକ୍ଟର-୨ ସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଦେଖିବାକୁ ମିଳିଛି। ଏଠାରେ ଅଳିଆ ଆବର୍ଜନା ପକାଇବା ପାଇଁ ଡମ୍ପିଂ ୟାର୍ଡ ରହିଛି। ତେବେ ଏହାକୁ ମାସ ମାସ ଧରି ସଫେଇ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଏହି ଡମ୍ପିଂ ୟାର୍ଡରେ ଅନାବନା ଜରି, ଅଇଁଠା ଅଳିଆ ଆବର୍ଜନା ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ବର୍ଷାଦିନ ଯୋଗୁ ସେକ୍ଟର ଅଞ୍ଚଳରେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ମଧ୍ୟ ବ୍ୟାପୁଛି। ଏହି ରାସ୍ତା ଦେଇ ସ୍ଥାନୀୟ ଲୋକେ ଗାୟତ୍ରୀ ଶକ୍ତିପୀଠ, ମହିଳା କଲେଜ, ପେଟ୍ରୋଲ ପମ୍ପ ଓ ଆରଏସ୍‌ପିର ଟାଉନ ଇଞ୍ଜିନିୟରିଂ କାର୍ଯ୍ୟାଳୟକୁ ଯାଉଛନ୍ତି। ଏହି ଡମ୍ପିଂ ୟାର୍ଡରେ ଆବର୍ଜନା ଗୁଡିକୁ ସ୍ଥାନୀୟ ବୁଲା ପ୍ରାଣୀମାନେ ଖେଳାଇ ଆହୁରି ଗନ୍ଧମୟ ପରିବେଶ ସୃଷ୍ଟି କରୁଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଉତ୍ପାଦନ, ଚାଲାଣରେ ବୋଲାଣି ଲୌହଖଣିର ନୂତନ ରେକର୍ଡ

**ରାଉରକେଲା, ୩।୮ (ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ଓଡିଶା ଗ୍ରୁପ୍ ଅଫ ମାଇନ୍ସ ଅଧୀନ ବୋଲାଣି ଲୌହଖଣି (ବିଓଏମ୍) ୨୦୨୪ ଜୁଲାଇ ମାସରେ ସର୍ବକାଳୀନ ଶ୍ରେଷ୍ଠ ମାସିକ ଉତ୍ପାଦନ ସହ ଚାଲାଣ ରେକର୍ଡ ସ୍ଥାପନ କରି ଉତ୍ପାଦନ ଇତିହାସରେ ନୂତନ ମାନଦଣ୍ଡ ସୃଷ୍ଟି କରିଛି। ବୋଲାଣି ଲୌହଖଣି ଜୁଲାଇରେ ୪.୬୧ ଲକ୍ଷ ଟନ ଲୁହାପଥର ଲମ୍ପ୍ସ ଓ ମାଇନ୍ସ ପୂର୍ବକ ରେକର୍ଡ ମାତ୍ରାରେ ଉତ୍ପାଦନ କରି ୨୦୨୧ ଜୁଲାଇ ମାସରେ ହାସଲ କରିଥିବା ପୂର୍ବ ଶ୍ରେଷ୍ଠ ୪.୪୪ ଲକ୍ଷ ଟନ୍ ରେକର୍ଡକୁ ଅତିକ୍ରମ କରିଛି। ଏଥିସହ ୨୦୨୪ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ସମୁଦାୟ ୨୪.୦୧ ଲକ୍ଷ ଟନ୍ ଡିପାର୍ଟମେଣ୍ଟାଲ ଉତ୍ପାଦନ କରିବା ସହିତ ଉକ୍ତ ଅବଧି ପାଇଁ ସର୍ବକାଳୀନ ଶ୍ରେଷ୍ଠ ରେକର୍ଡ ମଧ୍ୟ ହାସଲ କରିଛି। ସେହିପରି ଚାଲାଣ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ ପ୍ରତିବିମ୍ବିତ ହୋଇଥିଲ। ଜୁଲାଇ ମାସରେ ବୋଲାଣି ଲୌହ ଖଣି ୬.୭୧ ଲକ୍ଷ ଟନ୍ ସର୍ବକାଳୀନ ବିଭାଗୀୟ ଶ୍ରେଷ୍ଠ ଚାଲାଣ ରେକର୍ଡ ସ୍ଥାପନ କରି ପୂର୍ବ ଶ୍ରେଷ୍ଠ ୨୦୨୧ ଜୁଲାଇ ମାସରେ ହାସଲ ହୋଇଥିବା ୬.୪୩ ଲକ୍ଷ ଟନ୍ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଏଥିସହ ୨୦୨୪ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ସମୁଦାୟ ୨୫.୭୧ ଲକ୍ଷ ଟନ୍ ଡିପାର୍ଟମେଣ୍ଟାଲ ଚାଲାଣ ସହ ଆଲୋଚ୍ୟ ଅବଧି ପାଇଁ ସର୍ବକାଳୀନ ଶ୍ରେଷ୍ଠ ରେକର୍ଡ ହାସଲ କରିଥିଲା। ବୋଲାଣି ଲୌହଖଣି ପେଲେଟରେ ରୂପାନ୍ତର ଲାଗି ୫୧ଟି ମାଇନ୍ସ ର୍ୟାକ୍ ମଧ୍ୟ ଇସ୍ପାତ କାରଖାନାକୁ ପ୍ରେରଣ କରିଛି।



ବୋଲାଣି ଲୌହଖଣିରେ ଲୁହାପଥର ଲମ୍ପ୍ସ ଓ ମାଇନ୍ସ ସଂଗ୍ରହ କରାଯାଉଛି।

# ଟ୍ରାଫିକ୍ ବ୍ୟବସ୍ଥା ନିୟନ୍ତ୍ରଣକୁ ଗୁରୁତ୍ୱ

**ରାଉରକେଲା ପୋଲିସ ମୁଖ୍ୟାଳୟରେ ବୈଠକ**

**ରାଉରକେଲା, ୩।୮ (ସଙ୍ଗୀତା ଜେନା)**



ଜିଲା ପୋଲିସ ମୁଖ୍ୟାଳୟରେ ଡିଆଇଜିଙ୍କ ଅଧ୍ୟକ୍ଷତାରେ ବୈଠକ ।

ରାଉରକେଲାରେ ଦିନକୁ ଦିନ ବେପରୁଆ ଗାଡି ଚାଳନା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି। ଦ୍ରୁତ ଗାଡ଼ି ଚାଳନା, ମୋବାଇଲର ବହୁଳ ବ୍ୟବହାର ବିଶେଷ ଭାବେ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି। ସହରର ଗଳିକନ୍ଦି ଓ ପ୍ରମୁଖ ରାସ୍ତାଗୁଡ଼ିକରେ ଟ୍ରାଫିକ୍ ନିୟମକୁ ଅଣଦେଖା କରି ଲୋକେ ଗାଡ଼ି ଚାଳନା କରୁଛନ୍ତି। ଯାହାକୁ ନିୟନ୍ତ୍ରଣ କରାଯିବ ଅତ୍ୟନ୍ତ ଜରୁରୀ ବୋଲି ଶୁକ୍ରବାର ସନ୍ଧ୍ୟାରେ ରାଉରକେଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ ରାଉରକେଲା ଡିଆଇଜି ବ୍ରିଜେଶ ରାୟ କହିଛନ୍ତି। ଡିଆଇଜି ରାୟ କହିଥିଲେ, ସହରର ବିଭିନ୍ନ ଗଳିକନ୍ଦି ଓ ପ୍ରମୁଖ ସ୍ଥାନମାନଙ୍କରେ ପାର୍କିଂ ବ୍ୟବସ୍ଥା ସୁଧାରିବା, ଯାନବାହନରେ ହାଇ ସାଉଣ୍ଡ ବ୍ୟବହାର ଉପରେ ନିୟନ୍ତ୍ରଣ, ବ୍ଲାକସ୍ପଟ୍ ଯଥା ରାଜ୍ୟ ଓ ଜାତୀୟ ରାଜପଥ, ରିଂରୋଡ୍ ଗୁଡ଼ିକରେ ହେଉଥିବା ଦୁର୍ଘଟଣା ସ୍ଥାନକୁ ଚିହ୍ନଟ କରି ସେଗୁଡ଼ିକରେ ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥା କିମ୍ବା ଟ୍ରାଫିକ କର୍ମଚାରୀ ନିୟୋଜିତ କରିବା, ସିସିଟିଭି ବ୍ୟବହାର, ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ଚିକିତ୍ସାସେବା ଯୋଗାଇବା ଏବଂ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଆଦି ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଡିଆଇଜି ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଟ୍ରାଫିକ୍ ଡିଏସ୍‌ପି ପୁରୁଷୋତ୍ତମ ଭୋଇ, ଡିଆଇବି ଡିଏସ୍‌ପି ରାମସେ ମୁର୍ମୁ, ଡିଏସ୍‌ପି ଜୋନ୍-୨ ନିର୍ମଳ ମହାପାତ୍ର, ପ୍ଲାଣ୍ଟସାଇଟ୍ ଥାନାଧିକାରୀ ଜୟନାରାୟଣ ଖଣ୍ଡାୟୀ, ଉଦିତନଗର ଥାନାଧିକାରୀ ନିରଞ୍ଜନ ସେଠୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସର ସଭାପତି ପ୍ରଭାତ ଟିବ୍ରିୱାଲ, ରାଉରକେଲା ଶାନ୍ତି କମିଟିର ଦେବବ୍ରତ ବିହାରୀ, ସତ୍ୟାନନ୍ଦ ମହାନ୍ତି, ଯଶବିନ୍ଦର ସିଂ ଗୋଲ୍‌ଡି, ବିଲାଲ୍ ଅହମ୍ମଦ, ବସ୍ ମାଲିକ ସଂଘର ପ୍ରକାଶ ଜେନା, ମୀନକେତନ ମହାନ୍ତି, ହୋଟେଲ ମାଲିକ ସଂଘର ବିଶ୍ୱନାଥ ଦେ, ଗିରିଜା ଦ୍ୱିବେଦୀ, ଟ୍ରକ ମାଲିକ ସଂଘ ଏବଂ ଅଟୋ ରିକ୍ସା ମାଲିକ ସଂଘର ସଦସ୍ୟମାନେ ବୈଠକରେ ସାମିଲ ହୋଇଥିଲେ। ଏହି ଅବସରରେ ବୈଠକରେ ଉପସ୍ଥିତ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଟ୍ରାଫିକ ବ୍ୟବସ୍ଥାକୁ ଉତ୍ତମ କରିବା ପାଇଁ ପ୍ରସ୍ତାବମାନ ଦେଇଥିଲେ।

## ସଂକ୍ଷେପରେ

### ମହାନଦୀକୁ ଡେଇଁଥିବା ବ୍ୟକ୍ତି ଉଦ୍ଧାର



ମହାନଦୀରୁ ଉଦ୍ଧାର ସନ୍ତୋଷ ତାଣ୍ଡି।

ସମ୍ବଲପୁର,୩।୮ (ପ୍ରମୋଦ ବହିଦାର)

ସମ୍ବଲପୁର-ଚାଉଁରପୁର ମଧ୍ୟରେ ଶୁକ୍ରବାର ରାତିରେ ମହାନଦୀର ଦ୍ୱିତୀୟ ସେତୁରୁ ଗର୍ଭକୁ ଡେଇଁପଡିଥିବା ବ୍ୟକ୍ତି ଉଦ୍ଧାର ହୋଇଛନ୍ତି। ଅଗ୍ନିଶମ ବିଭାଗ ବିଳମ୍ବିତ ରାତିରେ ତାଙ୍କୁ ଗୋବିନ୍ଦତଲା ନିକଟ ନଦୀରେ ଅଞ୍ଚଳରେ ଏକ ଘାସବୁଦାରେ ଲାଗିଥିଲେ। ସ୍ଥାନୀୟ ଲୋକେ ତାଙ୍କ ଚିତ୍କାର ଶୁଣି ତୁରନ୍ତ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ହୋଇଥିବା ବ୍ୟକ୍ତି ଜଣକ ଧନୁପାଲି ଥାନା ସୁନାପାଲି ଅଞ୍ଚଳର ସନ୍ତୋଷ ତାଣ୍ଡି(୫୦)। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୧ଟାରେ ସନୋଷ ସେତୁ ଉପରେ ବସିଥଲେ। କେତେକ ବ୍ୟକ୍ତି ତାଙ୍କୁ ଏଠାରେ ଏତେ ସମୟ ବସିବାର କାରଣ ପଚାରିଥିଲେ। ଏହି ସମୟରେ ସେ ମା' ସମଲେଶ୍ୱରୀଙ୍କ ନାମ ନେଇ ହଠାତ ନଦୀକୁ ଡେଇଁ ପଡ଼ିଥିଲେ। ପାରିବାରିକ କଳହରୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ଅନୁମାନ କରାଯାଉଛି।

### ବିଜ୍ଞାନମେଳାରେ ୩୮୬ ପ୍ରକଳ୍ପ

ସମ୍ବଲପୁର,୩।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଟାଙ୍କରପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସିଦ୍ଧେଶ୍ୱରବେର୍ଣ୍ଣାଠାରେ ଶନିବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଡକ୍ଟର ସଚ୍ଚିଦାନନ୍ଦ ବକ୍ସୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନର ବିଶେଷତ୍ୱ ଓ ସମାଜ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢୀ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଚାଳନା ସମିତି ସମ୍ପାଦକ ଅଧ୍ୟାପକ ଅଖିଳ ବିଶ୍ୱାଳ ବିଜ୍ଞାନ ମେଳାର ଉପକାରିତା ବିଷୟରେ ଅବଗତ କରିଥିଲେ। ଏଥିରେ ଶିଶୁ ପ୍ରାନ୍ତରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୮୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମେଳାରେ ନିରୀକ୍ଷକ ଭାବେ ମୋହନ ମାରାଣ୍ଡୀ ଶର୍ମିଷ୍ଠା ଘଡନାୟକ, ଚନ୍ଦନ ସାହୁ, ସୋନିଆ ତରିଆ, ସବୀର ନାଥ, ବିଧୁମୋହନ ରାଉତ, ପ୍ରମୁଖ ବିଚାରକ ଭାବରେ ପ୍ରକଳ୍ପ ଗୁଡିକର ମୁଲ୍ୟାଙ୍କନ କରିଥିଲେ। କୃତି ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବାସନ୍ତୀରାଣୀ ପଣ୍ଡା ସଂଯୋଜନା କରିଥିଲେ। ସହ ପ୍ରଧାନଚାର୍ଯ୍ୟ ପୀତାମ୍ବର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ।

### ପାଶ୍ଚାତ୍ୟ ସଂସ୍କୃତି ନୁହେଁ, ନିଜ ସଂସ୍କୃତିକୁ ଗ୍ରହଣ କର

ସମ୍ବଲପୁର,୩।୮ (ଭବାନୀ ଶଙ୍କର ଭୋଇ)

କ୍ଷେତରାଜପୁର ଇଣ୍ଡିଆନ ପବ୍ଲିକ ସ୍କୁଲରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନରେ ସମ୍ବଲପୁରୀ ଦିନ ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ସଚିନ ପାଠକଙ୍କ ଆବାହକତ୍ୱରେ ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ଗୀତ ଏବଂ ନୃତ୍ୟ ସମ୍ବନ୍ଧୀୟ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପାଠକ କହିଥିଲେ, ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ କରିବା ପରିବର୍ତ୍ତେ ଆମର ନିଜ ସଂସ୍କୃତି ଗ୍ରହଣ କରିବା ଉଚିତ। ଏହି କାର୍ଯ୍ୟକ୍ରମକୁ ରଶ୍ମୀରେଖା ପଣ୍ଡା ପରିଚାଳନା କରିଥିଲେ। ବିଦ୍ୟାଳୟ ମୁଖ୍ୟ ପରିଚାଳକ କେଶବ ଡାଲମିଆ ଏବଂ ସୁମନ ଡାଲମିଆ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ସ୍କୁଲ ଉପାଧ୍ୟକ୍ଷ ପୂଜା ସିଂ, ବରିଷ୍ଠ ଶିକ୍ଷକ ବିକ୍ରମ ଷଡ଼ଙ୍ଗୀ, ହେମନ୍ତ କୁମାର ଯାଦବ, ବିଜୟ କୁମାର ପ୍ରଧାନ ମିଥିଳେସ ଝା ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସମ୍ବଲପୁରୀ ଦିନ୍ ଆନ୍ଦୋଳନରେ ପରିଣତ ହୋଇଛି

ସମ୍ବଲପୁର,୩।୮ (ପ୍ରମୋଦ ବହିଦାର)

- ବାର୍ତ୍ତା ଦେଇଥିବାରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ପଶ୍ଚିମାଞ୍ଚଳ ଏକତା ମଞ୍ଚ
- ସମ୍ବଲପୁରୀ ଭାଷାର ସାମ୍ବିଧାନିକ ମାନ୍ୟତା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ

ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ରହୁଥିବା ସମ୍ବଲପୁରୀ ପ୍ରେମୀମାନେ ଅଗଷ୍ଟ ୧ରେ ପାଳନ କରିଛନ୍ତି ସମ୍ବଲପୁରୀ ଦିନ। ସମ୍ବଲପୁରୀ ଦିନ୍ ପାଳନ ଆରମ୍ଭ କରିଥିବା ପଶ୍ଚିମାଞ୍ଚଲ୍ ଏକତା ମଞ୍ଚ ସମ୍ବଲପୁର ଜେଲ ଛକ ନିକଟସ୍ଥ ସମ୍ବଲପୁରୀ ଡେରାଠାରେ ୧୨ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ପାଳନ କରିଛି। ୨୦୧୨ ମସିହାରେ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମ ଶତବର୍ଷିକୀର ନିଷ୍ପତ୍ତି ନିଆଯାଇ ୨୦୧୩ରେ ଆରମ୍ଭ ହୋଇଥିବା ସମ୍ବଲପୁରୀ ଦିନ୍ ୧୨ବର୍ଷରେ ସର୍ବସ୍ପର୍ଶୀ ହୋଇସାରିଛି। ସମ୍ବଲପୁରୀ ଦିନ୍ ଆଜି ଭାଷା ସାହିତ୍ୟ ସଂସ୍କୃତିର ଆନ୍ଦୋଳନରେ ପରିବର୍ତ୍ତିତ ହୋଇଛି। ଚଳିତବର୍ଷ ସମ୍ବଲପୁରୀ ଦିନ୍ ଉପଲକ୍ଷେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତି ରାଜ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଭିଡିଓରେ, ପ୍ରେସ ବିଜ୍ଞପ୍ତିରେ ଓ ପତ୍ର ମାଧ୍ୟମରେ ସମ୍ବଲପୁରୀ ଦିନ୍‌ର ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିଛନ୍ତି । ଏହା ବ୍ୟତୀତ ସମାଜର ଅନେକ ବିଶିଷ୍ଟ ବ୍ୟକ୍ତି ବିଶେଷ ମଧ୍ୟ ସାମାଜିକ ଗଣମାଧ୍ୟମରେ ସମ୍ବଲପୁରୀ ଦିନ୍‌ର ଶୁଭେଚ୍ଛା ବାର୍ତ୍ତା ପୋଷ୍ଟ କରିଛନ୍ତି। ଏଥିପାଇଁ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ସଂଯୋଜକ ଡ ପ୍ରମୋଦ ରଥ ଏବଂ ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ପଶ୍ଚିମାଞ୍ଚଳ ଏକତା ମଞ୍ଚ ପରିବାର ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହା ସହ ସମ୍ବଲପୁରଠାରେ ମଞ୍ଚ ପକ୍ଷରୁ ହୋଇଥିବା ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମାନ୍ୟଗନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ତଦ୍‌ସହିତ ବିଭିନ୍ନ ସ୍ଥାନରେ ପାଳିତ ହୋଇଥିବା ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମ ମାନଙ୍କରେ ଅନେକ ନେତା, ମନ୍ତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଛନ୍ତି । ସମ୍ବଲପୁରରେ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ସମେତ ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି, ଭୁବନେଶ୍ୱର, ଦେବଗଡରେ ପଶ୍ଚିମାଞ୍ଚଲ୍ ଏକତା ମଞ୍ଚ ତରଫରୁ ସମ୍ବଲପୁରୀ ଦିନ୍ ଆୟୋଜନ କରାଯାଇଥିଲା। ପଶ୍ଚିମାଞ୍ଚଲ୍ ଏକତା ମଞ୍ଚ ସହଯୋଗୀ ଅନୁଷ୍ଠାନମାନେ ମଧ୍ୟ ୧୫ରୁ ଅଧିକ ସ୍ଥାନରେ ସମ୍ବଲପୁରୀ ଦିନ ଆୟୋଜନ କରିଥିଲେ। ସମ୍ବଲପୁରୀ ସଂସ୍କୃତିର ପ୍ରଚାର ପାଇଁ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କ ଅତୁଳନୀୟ ତ୍ୟାଗ, ବଳିଦାନକୁ ସମ୍ମାନ ଜଣେଇ ସମ୍ବଲପୁରୀ ଦିନ୍‌କୁ ସରକାରୀସ୍ତରରେ ସ୍ୱୀକାର କରାଯାଇଛି। ସମ୍ବଲପୁରୀ ଦିନର ଗ୍ରହଣୀୟତା ସମ୍ବଲପୁରୀ ଭାଷାର ସାମ୍ବିଧାନିକ ମାନ୍ୟତା ପାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ କୁହାଯାଇଛି।

## ଜେଏସ୍‌ଡବ୍ଲ୍ୟୁ-ବିପିଏସଏଲ ୱାର୍କରେ ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମ





ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର,୩।୮ (ବି.ଶଙ୍କର)

ଜେଏସ୍‌ଡବ୍ଲ୍ୟୁ ବିପିଏସଏଲ ୱାର୍କ କଅଁଚାରମାନେ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମକୁ ଉତ୍ସାହ ସହ ପାଳିନ କରିଛନ୍ତି। ପାରମ୍ପରିକ ଗୀତ ଓ ଗୀତର ତାଳରେ ଉତ୍ସବ ହୋଇଥିଲା। ସମ୍ବଲପୁରର ସମ୍ବଲପୁରୀ ସଂସ୍କୃତି, ଭାଷା ଏବଂ ପରମ୍ପରା ଓ ଐତିହ୍ୟ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ଆଞ୍ଚଳିକ ସଂସ୍କୃତିର ପାଳନ କରିବା କମ୍ପାନୀର ପ୍ରତିବଦ୍ଧତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଆକାଂକ୍ଷା ଲେଡିଜ୍ କ୍ଲବର ସଭାନେତ୍ରୀ ନୀଲମ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ବଲପୁରୀ ଦିନ ବିଷୟରେ ଆଲୋପାତ କରିଥିଲେ। ସମ୍ବଲପୁରୀ ସଂସ୍କୃତି, ଭାଷା ଏବଂ ପରମ୍ପରା ଅନନ୍ୟ । ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ଜିଲା ସମ୍ବଲପୁର ସାମାଜିକ କଲ୍ୟାଣ ଅଧିକାରୀ ସନ୍ଧ୍ୟାରାଣୀ ନେପାକ, ସମ୍ବଲପୁର ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ଭାରତୀ ବେସ୍ରା, ସାମାଜିକ କଲ୍ୟାଣ ବିଭାଗ ସେକ୍ସନ ଅଫିସର ଯାଜ୍ଞସେନୀ ମିଶ୍ର, ଠେଲକୋଲୋଇ ସରପଞ୍ଚ ଅବନ୍ତୀ ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ କମ୍ପାନୀ କର୍ମଚାରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ପାରମ୍ପରିକ ସମ୍ବଲପୁରୀ ନୃତ୍ୟ ଏବଂ ସଙ୍ଗୀତରେ ମଞ୍ଚ ଜୀବନ୍ତ ହୋଇ ଉଠିଥିଲା, ଯାହା ଦର୍ଶକଙ୍କୁ ଆକର୍ଷିତ କରିଥିଲା । ଏବଂ ସେମାନଙ୍କର ସାଂସ୍କୃତିକ ଉତ୍ସ ପାଇଁ ଗଭୀର ପ୍ରଶଂସା ସହିତ ଆନନ୍ଦ ଏବଂ ଏକତାର ବାତାବରଣ ସୃଷ୍ଟି କରିଥିଲା ।

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପଦ ଅଳଙ୍କରଣ ସମାରୋହ



ପଦ ଅଳଙ୍କରଣ ସମାରୋହରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ସମ୍ବଲପୁର,୩।୮ (ବି.ଶଙ୍କର)

ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୧ରେ ପଦ ଅଳଙ୍କରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ରଣରଞ୍ଜୟ ସିଂ ଓ ଉପ ଆଚାର୍ଯ୍ୟ ବଳରାମ ମିଶ୍ର ଯୋଗଦେଇ ନବ ଚୟନିତ ଛାତ୍ର ପରିଷଦ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ନୂତନ ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ୟାପଟେନ ସମ୍ବିତ ସ୍ୱାଇଁ, ବିଦ୍ୟାଳୟ କ୍ୟାପଟେନ ମିସ ଭୂମିକା ବେହେରା, ଶିବାଜୀ ହାଉସ କ୍ୟାପଟେନ ଶିବାଜୀ ତୁଷାର ସାହୁ ଓ ନିୟତି ପଟ୍ଟନାୟକ, ଟାଇଗର ହାଉସ କ୍ୟାପଟେନ ବିଶ୍ୱଭୂଷଣ ପ୍ରିୟଦର୍ଶୀ ପ୍ରଧାନ ଓ ଅପର୍ଣ୍ଣା ବାରିକ, ଅଶୋକା ହାଉସ କ୍ୟାପଟେନ ଶ୍ରବଣ ରାଜ ପଟେଲ ଓ ଶୃତି ସ୍ୱପ୍ନା ଗୁରୁ, ରମଣ ହାଉସ କ୍ୟାପଟେନ ହିମେଶ ପ୍ରଧାନ ଓ ମାନସୀ ଦାଶଙ୍କ ସମେତ ମୋଟ ୬୨ ଜଣ ସଦସ୍ୟଙ୍କୁ ବ୍ୟାଜ ପ୍ରଦାନ କରାଯାଇଥିଲା। ୪ଟି ହାଉସ ମାଷ୍ଟର ଓ ସହହାଉସ ମାଷ୍ଟରଙ୍କୁ ମଧ୍ୟ ବ୍ୟାଜ ଦେଇ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ୪ ହାଉସ ମାଷ୍ଟର ନିମାଇଁ ଚରଣ ବିଶ୍ୱାଳ, ଲକ୍ଷ୍ମୀପ୍ରସାଦ ବାଗ, ନବକୃଷ୍ଣ ମିଶ୍ର, ଉମେଶ ଚନ୍ଦ୍ର ଦାଶ ଅନ୍ୟ ସଦନର ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସିସିଏ କୋଅର୍ଡ଼ିନେଟର ପ୍ରମୋଦ କୁମାର ସାହୁ ପରିଚାଳନା କରିଥିଲେ। ବିଦ୍ୟାଳୟ ଭାଇସ କ୍ୟାପଟେନ ମାଷ୍ଟର ଶ୍ରେୟାନ୍ସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କ ମାସିକ ବୈଠକ

ନାକଟୀଦେଉଳ,୩।୮ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ନବମ ବ୍ଲକସ୍ତରୀୟ ମାସିକ ଆଲୋଚନା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ବୈଠକରେ ଡଇଁଚା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା, ସରାପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମାଝୀ, ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହୀରାଲାଲ ଧଳ ଏବଂ ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ବେହେରା ଯୋଗଦେଇଥିଲେ। ବୈଠକରେ ମୁଖ୍ୟତଃ ୟୁଡାଇଜ ଅପଡେଟର ସ୍ଥିତି, ଉଚ୍ଚ ବିଦ୍ୟାଳୟ ଭିତ୍ତିଭୂମିର ବ୍ୟବହାର ଓ ରକ୍ଷଣାବେକ୍ଷଣ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ନିୟୋଜନ ସ୍ଥିତି, ମାସିକ ପାଠ୍ୟକ୍ରମ ଯୋଜନା, ଆକାଂକ୍ଷୀ ପାଠ୍ୟକ୍ରମ ଅଧୀନରେ ଶିକ୍ଷକ ପ୍ରଶିକ୍ଷଣର ସ୍ଥିତି ଏବଂ ପ୍ରଥମ, ତୃତୀୟ ଓ ପଞ୍ଚମ ଶନିବାରରେ ବିଦ୍ୟାଳୟସ୍ତରରେ ହେବାକୁ ଥିବା ଛାତ୍ର କ୍ଲବମାନଙ୍କର କାର୍ଯ୍ୟକାରିତା, ଗଣିତ ଦକ୍ଷତା ବୃଦ୍ଧି ପଦକ୍ଷେପ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ପ୍ରସ୍ତୁତି ଏବଂ ପଞ୍ଜିକରଣ, ଜାତୀୟ ଉପଲବ୍ଧି ସର୍ବେକ୍ଷଣ ପାଇଁ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥି ସହିତ ଗତ ମାସର ଆୟୋଜକ ବିଦ୍ୟାଳୟକୁ ଦିଆଯାଇଥିବା ପରାମର୍ଶ ଉପରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ସହକାରୀ ଶିକ୍ଷକ ମନୋଜ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ, ସହକାରୀ ଶିକ୍ଷକ ମନ୍ମଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ପାଣିମୁରା, କିସିଣ୍ଡା, ଗିରିଶ୍ଚନ୍ଦ୍ରପୁର, ବଳମ, ସାଲେଭଟା, ଯାମୁଯୋରୀ, କୁଡାନାଲି, ବାଟଗାଁ, ସାହେବୀ, କାଦୋବାହାଲ ପଞ୍ଚଖଣ୍ଡା ଉଚ୍ଚ ବିଦ୍ୟାଳୟ, ଘୋଷରାମାଳ, ଡଇଁଚା, ଗୋଗୁଆ, ସରାପାଲି ଏବଂ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ଜଗନ୍ନାଥ ପ୍ରସାଦର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସେତେବେଳେ ବିରୋଧ, ଏବେ ସମର୍ଥନ

ସମ୍ବଲପୁର, ୩।୮ (ପ୍ରମୋଦ ବହିଦାର)

**ମଦ ଦୋକାନ ଲାଇସେନ୍ସ ନବୀକରଣ ପାଇଁ ଅନୁରୋଧ କରି ଜିଲାପାଳଙ୍କୁ ଦାବିପତ୍ର**

କିଛିମାସ ପୂର୍ବେ ମଦ ଦୋକାନକୁ ବିରୋଧ କରୁଥିବା ଲୋକେ ବର୍ତ୍ତମାନ ମଦ ଦୋକାନକୁ ସମର୍ଥନ କରୁଛନ୍ତି। ସେହି ଲୋକେ ମଦ ଦୋକାନ ଲାଇସେନ୍ସ ନବୀକରଣ ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି। ଜଣେ ଜନପ୍ରତିନିଧିଙ୍କ ନେତୃତ୍ୱରେ ହୋଇଥିବା ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଲଇଡ଼ାରେ। ଜନପ୍ରତିନିଧିଙ୍କ ନେତୃତ୍ୱରେ ଶନିବାର ଏକ ପ୍ରତିନିଧି ଦଳ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ସାକ୍ଷାତ୍ କରି ଏଠାରେ ଥିବା ମଦ ଦୋକାନ ଉଚ୍ଛେଦ ନୁହେଁ, ବରଂ ଲାଇସେନ୍ସ ନବୀକରଣ କରିବାକୁ ଅନୁରୋଧ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଠାରେ ମଦ ଦୋକାନ ରହିଲେ ସରକାରଙ୍କ ରାଜସ୍ୱ ବୃଦ୍ଧିରେ ସହାୟକ ହେବ। ଫଳରେ ଏନେଇ ସେମାନେ ପୂର୍ବରୁ କରିଥିବା ଆପତ୍ତିକୁ ପ୍ରତ୍ୟାହାର କରୁଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଖାଲି ସେତିକି ନୁହେଁ, କେତେକ ୱାର୍ଡ ସଭ୍ୟଙ୍କ ଦସ୍ତଖତ ସମ୍ବଳିତ ଉକ୍ତ ଦାବିପତ୍ରରେ ବର୍ତ୍ତମାନ ରହିଥିବା ସ୍ଥାନରେ ମଦ ଦୋକାନ ରହିଲେ ସେମାନଙ୍କର କୌଣସି ଆପତ୍ତି ନାହିଁ ବୋଲି ଦର୍ଶାଯାଇଛି। ଲଇଡ଼ା ନିକଟସ୍ଥ ଅନୂନ୍ୟ ୧୦ ଟି ଗ୍ରାମର ଗ୍ରାମବାସୀ ଯାତାୟତ ପାଇଁ ଏହି ବସ୍‌ଷ୍ଟାଣ୍ଡ ଉପରେ ନିର୍ଭରଶୀଳ। ବିଭିନ୍ନ ସମୟରେ ଗ୍ରାମବାସୀଙ୍କୁ ପରିବାର ସହିତ ଏଠାରେ ଦୀର୍ଘ ସମୟଧରି ବସକୁ ଅପେକ୍ଷା କରିବାକୁ ପଡ଼ିଥାଏ। ଏହି ସମୟରେ ମଦ୍ୟପଙ୍କ ପ୍ରାଦୁର୍ଭାବରୁ ଯାତ୍ରୀ ଓ ସ୍ଥାନୀୟ ଲୋକ ବିଶେଷ କରି ମହିଳା ଯାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଥିପାଇଁ ପୂର୍ବରୁ ଉକ୍ତ ପଞ୍ଚାୟତର ଜନପ୍ରତିନିଧିଙ୍କ ପକ୍ଷରୁ ଏହାକୁ ଏଠାରୁ ଉଚ୍ଛେଦ କରିବାକୁ କରାଯାଇଥିବା ଦାବିକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଥିଲା। ମାତ୍ର ବର୍ତ୍ତମାନ ଜିଲାପାଳଙ୍କ ନିକଟରେ ମଦ ଦୋକାନ ସପକ୍ଷରେ ଯୁକ୍ତି ବାଢ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି।

## ୧୫୪ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ନେଲେ ପ୍ରଶିକ୍ଷଣ



ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

ଜମନକିରା,୩।୮ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମାସ୍ଥିତ ପଞ୍ଚାୟତ ହାଇସ୍କୁଲରେ ଶନିବାର ବ୍ଲକସ୍ତରୀୟ ପ୍ରାଥମିକ, ଉଚ୍ଚପ୍ରାଥମିକ ଏବଂ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫୪ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ପ୍ରାରମ୍ଭରେ ଆୟୋଜିତ ସଭାରେ ଏବିଇଓ ସୁଶ୍ରୀ ଦେବକୀ ନାୟକ ଅଧ୍ୟକ୍ଷତା କରିଥିଲେ। ସିଆରସିମାନେ ସଭାରେ କ୍ଲଷ୍ଟରସ୍ତରୀୟ ମାସିକ ସଭା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ଜାତୀୟ ଉପଲବ୍ଧି ସର୍ଭେକ୍ଷଣ ୨୦୨୪, ୟୁନିଫର୍ମ ବଣ୍ଟନ, ୟୁଡ଼ାଇସ, ବିଦ୍ୟାଳୟର ଶୈକ୍ଷିକ ତଥା ସହ-ଶୈକ୍ଷିକ ପରିବେଶର ଉନ୍ନତୀକରଣ ଉପରେ ଆଲୋକପାତ କରିଥିଲେ। ଏବିଇଓ ଦେବକୀ ନାୟକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜାତୀୟ ଶିକ୍ଷାନୀତି ୨୪ ଉପରେ ବୁଝେଇ ଥିଲେ। ଶିକ୍ଷା ରୁପକ ନାଆର ସୁଦକ୍ଷ ନାଉରି ହୋଇ କୁନି କୁନି ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷାଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ସମାପନ କରିଥିଲେ।

## କଟାପାଲି ଓଭର ବ୍ରିଜ୍‌ରେ ଆଲୋକୀକରଣ

ଝାରସୁଗୁଡ଼ା,୩।୮ (ସଞ୍ଜୟ ମାଲି)

ଝାରସୁଗୁଡା ଏଚ କଟାପାଲି ଠାରେ ଥିବା ରେଳ ଓଭର ବ୍ରିଜ ରାସ୍ତା ଆଲୋକୀକରଣ ପ୍ରକଳ୍ପ ବିଧାୟକ ଟଙ୍କଧର ତ୍ରିପାଠୀ ଉଦଘାଟନ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଅନେକ ଦିନରୁ ଏହି ବ୍ରିଜ ଜନସାଧାରଣଙ୍କ ଯାତାୟାତ ପାଇଁ ଆରମ୍ଭ ହୋଇଥିଲା। କିନ୍ତୁ ଏହାର ଆଲୋକୀକରଣ ହୋଇ ନ ଥିଲା। ଲୋକଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ ଏହାର ଆଲୋକୀକରଣ କାମ ସମ୍ପୂର୍ଣ୍ଣ ହୋଇଛି। ଏହି ଅବସରରେ ବିଧାୟକ ତ୍ରିପାଠୀ ଝାରସୁଗୁଡାର ସର୍ବାଙ୍ଗୀନ ବିକାଶ ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଅବସରରେ ସ୍ଥାନୀୟ ଗ୍ରାମବାସଙ୍କ ସହ ଜିଲା ଭାଜପା ଅନେକ କର୍ମକର୍ତ୍ତା ପସ୍ଥିତ ଥିଲେ।

## ସମ୍ବଲପୁର ମହାନଗର ନିଗମ ଅସ୍ଥାୟୀ କର୍ମଚାରୀ ସଂଘ ଗଠିତ

ସମ୍ବଲପୁର,୩।୮ (ଭବାନୀ ଶଙ୍କର ଭୋଇ)

**ସନ୍ତୋଷ ପଟ୍ଟନାୟକ ସଭାପତି, ଶିବପ୍ରସାଦ ବାରିକ ସମ୍ପାଦକ**

ସମ୍ବଲପୁର ମ୍ୟୁନିସିପାଲିଟି ଛକସ୍ଥିତ ପୁରୁଣା କୋଠାରେ ଶନିବାର ମହାନଗର ନିଗମ କାର୍ଯ୍ୟାଳୟ ଅସ୍ଥାୟୀ କର୍ମଚାରୀମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅସ୍ଥାୟୀ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ ଏବଂ ସମାଧାନ ପାଇଁ ସର୍ବସମ୍ମତିକ୍ରମେ ମହାନଗର ନିଗମ ଅସ୍ଥାୟୀ କର୍ମଚାରୀ ସଂଘ ଗଠନ କରାଯାଇଥିଲା। ସଂଘ ସଭାପତିଭାବେ ସନ୍ତୋଷ ପଟ୍ଟନାୟକ, ସମ୍ପାଦକ ଶିବପ୍ରସାଦ ବାରିକଙ୍କୁ ମନୋନୀତ କରାଯାଇଥିଲା। ସମ୍ବଲପୁର ପୌରପରିଷଦ ଅମଳରୁ ବର୍ତ୍ତମାନ ମହାନଗର ନିଗମରେ ଅସ୍ଥାୟୀ କର୍ମଚାରୀ ଭାବରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସ୍ଥାୟୀ କିଭଳି କରାଯିବ ସେ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଏହାସହ ଅସ୍ଥାୟୀ କର୍ମଚାରୀମାନଙ୍କ ପାଇଁ ମହାନଗର ନିଗମ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ସମୟରେ ଉପୁଜୁଥିବା ବିଭିନ୍ନ ସମସ୍ୟାଗୁଡିକ କିଭଳି ସମାଧାନ କରାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା। ଏଥିସହ ଆଗାମୀ ଦିନରେ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟର ଅସ୍ଥାୟୀ କର୍ମଚାରୀ ସଂଘର ଅନ୍ୟ ସବୁ ପଦାଧିକାରୀଙ୍କୁ ମନୋନୀତ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ମେହେର ଆସୋସିଏଶନ, ଗୋଲ୍‌ଡେନ ଇଗଲ ବିଜୟୀ

ସମ୍ବଲପୁର,୩।୮ (ବି.ଶଙ୍କର)

**ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ୍ ଲିଗ**



ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟ୍‌ବଲ ଲିଗ୍‌ରେ ଅତିଥି ଓ ଖେଳାଳିମାନେ।

ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟ୍‌ବଲ ଲିଗ୍ ତଥା ନକ୍ ଆଉଟ ପ୍ରତିଯୋଗିତାର ଶନିବାର ମ୍ୟାଚରେ ମେହେର ଆସୋସିଏଶନ ଓ ଗୋଲଡେନ ଇଗଲ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ପ୍ରଥମ ମ୍ୟାଚ ମେହେର ଆସୋସିଏଶନ ଓ କ୍ରୀଡା ଛାତ୍ରାବାସ ମଧ୍ୟରେ ଏକତରଫା ହୋଇଥିଲା। ମେହେର ଆସୋସିଏଶନ ୨-୦ ଗୋଲରେ ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ ଗୋଲଡେନ ଇଗଲ ଓ ବ୍ଲୁ ଡାଇମଣ୍ଡ ମଧ୍ୟରେ ହୋଇଥିଲା। ଗୋଲଡେନ ଇଗଲ ୬-୦ ଗୋଲରେ ବିଜୟୀ ହୋଇଥିଲା। ସମ୍ବଲପୁର ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ସଂଯୋଜନାରେ ମ୍ୟାଚ ହୋଇଥିଲା। ମ୍ୟାଚକୁ ରେଫରି ଜୟନ୍ତ ପିଙ୍ଗ, ପରେଶ ଭୋଇ, ପରେଶ ପ୍ରଧାନା, ପ୍ରକାଶ ସାହୁ, ରାଜାରାମ ଓରାମ, ବିଜୟ ଓରାମ, ଅଭିମନ୍ୟୁ ମିର୍ଦ୍ଧା, କର୍ଣ୍ଣ ବେହେରା ଓ ଅରୁଣ ଭୋଇ ପରିଚାଳନା କରିଥିଲେ। ପୂର୍ବତନ ଜାତୀୟ ଖେଳାଳି ଠୁନକି ମୁଣ୍ଡା, ଅହଲ୍ୟା ମୁଣ୍ଡା, ଶାନ୍ତି ଖାଲକୋ ଓ ସମ୍ବଲପୁର ଜିଲା କ୍ରଇଡା ସଂଘ କ୍ରିକେଟ ସଂପାଦକ ଅଭିନାଶ ନନ୍ଦ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କ ସହ ପରିଚିତ ହୋଇଥିଲେ।

# କେବିକେ ଅଞ୍ଚଳରେ ହୃଦଘାତଜନିତ ମୃତ୍ୟୁକୁ ନେଇ ଉଦ୍‌ବେଗ

**ବିବିଏମ୍‌ସିଏଚ୍‌ରେ ହୃଦ୍‌ରୋଗ ବିଶେଷଜ୍ଞ ନିଯୁକ୍ତି ଦାବି କଲେ କଲିକେଶ**

ବଲାଙ୍ଗୀର,୩।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସମେତ କେବିକେ ଅଞ୍ଚଳରେ ହୃଦଘାତଜନିତ ମୃତ୍ୟୁସଂଖ୍ୟା ବୃଦ୍ଧିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ବଲାଙ୍ଗୀର ବିଧାୟକ କଲିକେଶ ନାରାୟଣ ସିଂଦେଓ ହୃଦଘାତଜନିତ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏନେଇ ବିଧାନସଭାରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏକ ଅଣତାରକା ପ୍ରଶ୍ନ (ସଂଖ୍ୟା–୫୨୧)ରେ ବିଧାୟକ କଲିକେଶ ରାଜ୍ୟ ସରକାରଙ୍କୁ କେବିକେ ଅନ୍ତର୍ଗତ କେଉଁ ଜିଲାରେ ବିଗତ ୫ବର୍ଷ ମଧ୍ୟରେ କେତେଜଣ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇଛନ୍ତି ଓ କେତେଜଣ ମୃତ୍ୟୁବରଣ କରିଛନ୍ତି ବୋଲି ପଚାରିଥିଲେ। ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡିକାଲ କଲେଜ ଓ ହସ୍‌ପିଟାଲ ସମେତ କେବିକେ ଅଞ୍ଚଳର ପ୍ରତ୍ୟେକ ଜିଲା ମୁଖ୍ୟ ଚିକିତ୍ସାଳୟରେ ହୃଦରୋଗ ଚିକିତ୍ସା ପାଇଁ ବ୍ୟବସ୍ଥା କରିବେ କି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସମସ୍ତ ଜିଲା ସଦର ମହକୁମା ଚିକିତ୍ସାଳୟରେ ଇସିଜି ସହ ରିମୋଟ କାର୍ଡିଓଲୋଜି ଇଣ୍ଟରପ୍ରିଟେସନ ସଲ୍ୟୁସନ ଦ୍ୱାରା ହବ ଏଣ୍ଡ ସ୍ପୋକ ମଡେଲରେ ହୃଦରୋଗର ଚିକିତ୍ସା ବ୍ୟବସ୍ଥା ଷ୍ଟେମି କାର୍ଯ୍ୟକ୍ରମର ପରିଚାଳନା କରାଯିବ। ଏହାଦ୍ୱାରା ଜିଲା ସଦର ମହକୁମା, ଉପଖଣ୍ଡସ୍ତରୀୟ ହସପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏହି ଷ୍ଟେମି କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ। ହୃଦରୋଗର ଆଶୁଚିକିତ୍ସା ନିମନ୍ତେ ଇସିଜି, ଟ୍ରପୋନିନ ପରୀକ୍ଷା ଓ ଔଷଧର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ମନ୍ତ୍ରୀ ଉତ୍ତର ରଖିଥିବା କଲିକେଶ ଜଣାଇଛନ୍ତି। ମନ୍ତ୍ରୀ ଦେଇଥିବା ତଥ୍ୟରୁ କେବିକେର ୮ଟି ଜିଲାରେ ଗତ ୫ ବର୍ଷରେ ମୋଟ ୩,୯୧୯ଜଣ ହୃଦରୋଗୀ ରହିଛନ୍ତି। ଏହା ସହିତ ଗତ ୫ବର୍ଷରେ ୩୪୩ ଜଣଙ୍କ ମୃତ୍ୟୁ ହୋଇଛି। ବଲାଙ୍ଗୀର ଜିଲାରେ ଖାଲିଥିବା ଡାକ୍ତରପଦବୀ ପୂରଣ ପାଇଁ ମଧ୍ୟ ସରକାରଙ୍କ କ'ଣ ସବୁ ପଦକ୍ଷେପ ନେଇଛନ୍ତି ବିଧାୟକ କଲିକେଶ ପ୍ରଶ୍ନ ଉଠାଇଥିଲେ। ଜିଲାରେ ମୋଟ ୫୯୯ ଡାକ୍ତର ପଦବୀରୁ ମାତ୍ର ୨୩୭ ଜଣ ଥିବାବେଳେ ୨୪୮ଟି ପଦବୀ ଖାଲିପଡିଥିବା ମନ୍ତ୍ରୀ ଉତ୍ତର ରଖିଥିବା କୁହାଯାଇଛି। ଭୀମଭୋଇ ମେଡିକାଲ କଲେଜରେ ଖାଲିଥିବା ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ଠିକ ସେହିପରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ପରୀକ୍ଷା ପାଇଁ ଏମ୍‌ଆରଆଇର ବ୍ୟବସ୍ଥା କରିବେ କି ବୋଲି କରାଯାଇଥିବା ପ୍ରଶ୍ନରେ ଖୁବଶୀଘ୍ର ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଏମ୍‌ଆର୍‌ଆଇ ସୁବିଧା ଉପଲବ୍ଧ ନେଇ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଉତ୍ତର ରଖିଥିବା ବିଧାୟକ ଜଣାଇଛନ୍ତି।

## ଅଲଖପୁରରେ ୫ ଘର ଭାଙ୍ଗିଲା ଦନ୍ତା



**କାନ୍ଥ ପଡ଼ିବାରୁ ୩ ଆହତ**

ବଣାଇଁ,୩।୮ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ ଜିଲା ବଣାଇଁ ବନାଞ୍ଚଳର ଅଲଖପୁର ଗ୍ରାମରେ ଶୁକ୍ରବାର ରାତିରେ ଗୋଠଛଡ଼ା ଦନ୍ତା ପଶି ୫ ଜଣଙ୍କ ଘର ଭାଙ୍ଗି ଦେଇଛି। ଗ୍ରାମର ରମେଶ କିସାନଙ୍କ ଘର ଭାଙ୍ଗିବାବେଳେ ସ୍ତ୍ରୀ ଓ ଛୁଆଙ୍କ ଉପରେ ଇଟା ପଡି ସେମାନେ ଆହତ ହୋଇଛନ୍ତି। ଗ୍ରାମର ରମେଶଙ୍କ ସମେତ ରଞ୍ଜୀନା କିସାନ, ସୁଶୀଲ କିସାନ, ଚୈତନ କିସାନ ଓ ସାଧୁ କିସାନଙ୍କ ଘର ମଧ୍ୟ ଭାଙ୍ଗି ଦେଇଛି ଏହି ଗୋଠଛଡା ଦନ୍ତା । ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଏବେ ବାସହରା ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବନବିଭାଗର ବନପାଳ ତାପସ କୁମାର ଶତପଥୀ ଗ୍ରାମରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ହାତୀକୁ ଘଉଡାଇବା ପାଇଁ ବନବିଭାଗ ତତ୍ପରତା ପ୍ରକାଶ କରୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

## ସଂକ୍ଷେପରେ

### ହରିଶଙ୍କରରେ ଭାଜପାର ସାଙ୍ଗଠନିକ ବୈଠକ

ଖପ୍ରାଖୋଲ, ୩।୮ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ପର୍ଯ୍ୟଟକ ଅଭ୍ୟର୍ଥନା କେନ୍ଦ୍ର ପରିସରରେ ଭାଜପାର ସାଙ୍ଗଠନିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଦେବକାନ୍ତ ପାଣିଗ୍ରାହୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ପ୍ରଭାରୀ ପ୍ରବୋଧ ନନ୍ଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଶଶୀ ପୂଝାରୀ, ପ୍ରଶାନ୍ତ ମେହେର, ଫକିର ପ୍ରଧାନ ପ୍ରମୁଖ ଯୋଗଦେଇ ଦଳକୁ ତୃଣମୂଳସ୍ତରରୁ ସଙ୍ଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ପଞ୍ଚାୟତସ୍ତରରେ କମିଟି ଗଠନ କରି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ହେବାକୁ କହିଥିଲେ। କର୍ମୀମାନେ ଗତ ନିର୍ବାଚନରେ ସାଂସଦ ଓ ବିଧାୟକଙ୍କୁ ବିପୁଳ ଭୋଟ ଦେଇ ବିଜୟ କରାଇଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଗଠନ ହୋଇପାରି ଥିବା କହିଥିଲେ। ଏହି ଅବସରରେ ଉପେନ୍ଦ୍ର ଭୋଇ, ପଦ୍ମ କୁମାର ବରିହା, ପ୍ରବୀଣ ଅଗ୍ରୱାଲ, ସନ୍ତୋଷ ଭାଇସାଲ, ରବି ସାହୁ, ଗୋପ ସାହୁ, ଉମାକାନ୍ତ ପ୍ରଧାନ,ହେମାସାଗର ସାହୁଙ୍କ ସମେତ ଶତାଧିକଅଗ୍ରଣୀକର୍ମୀ ଯୋଗଦେଇଥିଲେ।

### ରୋତ କଲେଜରେ ବିଜ୍ଞାନ ବିଭାଗ ଆଲୋଚନାଚକ୍ର

ଲୋଇସିଂହା, ୩।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ ବାଣୀନିକେତନ କଲେଜ ବିଜ୍ଞାନ ବିଭାଗ ଏବଂ ଆଇ.କ୍ୟୁ.ଏ.ସି / ନାଗ ସହାୟତାରେ କ୍ୱାଣ୍ଟମ ବିଜ୍ଞାନର ଉତ୍ପତ୍ତି ଓ ଏହାର ଆଧୁନିକ ବିନିଯୋଗ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାରେ ଅଧକ୍ଷ ଡ. ସନ୍ତୋଷ କୁମାର ରଥ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରଦୀପ କୁମାର ଷଡଙ୍ଗୀ, ବାଙ୍ଗାଲୋରର ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ରେନୁରମନ ସାହୁ ମୁଖ୍ୟବକ୍ତା ତଥା ଆଲୋଚକ ଭାବେ ଯୋଗଦାନ କରି ଉକ୍ତ ବିଷୟ ଉପରେ ଆଲୋକପାତ କରିଥିଲେ। ଗଣିତ ବିଭାଗର ମୁଖ୍ୟ ଡ. ସୁବିଜ୍ଞ ଗଡତ୍ୟାଙ୍କ ଦ୍ୱାରା ପରିଚାଳିତ ସତ୍ରରେଡ ଅନ୍ତର୍ଯ୍ୟାମୀ ନାଏକ, ବୁଦ୍ଧଦେବ ପଣ୍ଡା, ଗତିକୃଷ୍ଣ ଯୋଶୀ, ରାଧେଶ୍ୟାମ ଯୋଶୀ, ଡ. ହିମାଂଶୁ ଶେଖର ମହନ୍ତ, ଗୋପଳ ସାହୁ, ବାସ୍ତବ ବ୍ରିଜେଶ ଭୋଇ, ମନୋଜ ପାଣିଗ୍ରାହୀ, ଶେଷଦେବ ଦାନୀ, ଛାତ୍ର ବନ୍ତ ସାହୁ ଓ ଛାତ୍ରୀ ଚାନ୍ଦିନୀ ପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧାପକ ଅର୍ଯ୍ୟେନ୍ଦୁ କୁମାର ମେହେର ସଂଯୋଜନା କରିଥିଲେ।

### କ୍ରୀଡ଼ା ଶିକ୍ଷକଙ୍କୁ ଅସରକାଳୀନ ସମ୍ବର୍ଦ୍ଧନା

କୋକସରା,୩।୮ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡା ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁଧୀର ରଞ୍ଜନ ପଣ୍ଡାଙ୍କୁ ଅସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କିଶୋର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ମୋଷଧି ବାଗ ମୁଖ୍ୟ ଅତିଥି, ଅସରପ୍ରାପ୍ତ ପ୍ରାଧାପକ ଡ. ଅଜୟ କୁମାର ମଲ୍ଲିକ ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ଅଶୋକ କୁମାର ଦାସ, ବ୍ଲକ ଓଷ୍ଟା ସମ୍ପାଦକ ସାମନ୍ତ ପାଢୀଯୋଷୀ, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡା ଶିକ୍ଷକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ୨୦୨୫ସୁଦ୍ଧା ପ୍ରତି ଘରକୁ ପିଇବା ପାଣି




ପାରୁଆଭାଡିରେ ଧନ୍ୟବାଦ ମତଦାତା କାର୍ଯ୍ୟକ୍ରମରେ ମନ୍ତ୍ରୀ ରବି ନାରାୟଣ ନାୟକ ଓ ଅନ୍ୟମାନେ।

**ଧନ୍ୟବାଦ ମତଦାତା କାର୍ଯ୍ୟକ୍ରମରେ କହିଲେ ପଞ୍ଚାୟତିରାଜ ମନ୍ତ୍ରୀ**

କୁଚିଣ୍ଡା,୩।୮ (ବିରଞ୍ଚି ଦର୍କା)

୨୦୨୫ ସୁଦ୍ଧା ପ୍ରତି ଘରକୁ ପିଇବା ପାଣି ଯୋଗାଇ ଦିଆଯିବ। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଶନିବାର କୁଚିଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରିବା ଅବସରରେ ଏହା କହିଛନ୍ତି। କୁଚିଣ୍ଡା ବ୍ଲକର ପାରୁଆଭାଡି, ବାଉରୀଗୋଡା, ଅର୍ଡାବାହାଲ, ଗୋଛରା ଓ ବାଙ୍କେ ପଞ୍ଚାୟତରେ ଆୟୋଜିତ ଧନ୍ୟବାଦ ମତଦାତା କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ନାଏକ କହିଛନ୍ତି, ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଘର ଓ ରାଶନ କାର୍ଡ ଦିଆଯିବ। ଆଗାମୀ ଦିନରେ କୁଚିଣ୍ଡା ଲଙ୍କାର ଚାହିଦା ବଢିବ ଓ ଚାଷୀ ଉପକୃତ ହେବେ। ଏହାଛଡା ୧୭ହଜାର ବେକାର ଯୁବତୀ ଯୁବକଙ୍କୁ ତାଲିମ ଦିଆଯାଇ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ସୁଭଦ୍ରା ଯୋଜନା ଖୁବଶୀଘ୍ର ଲାଗୁ ହେବାକୁ ଥିବା ବେଳେ, ଧାନ ବିକ୍ରୀ ସମୟରେ ଚାଷୀ ଧାନ କେଜି ପ୍ରତି ୩୧ଶହଟଙ୍କା ପାଇବେ ବୋଲି କହିଥିଲେ। ଅଞ୍ଚଳର ଯାହାବି ସମସ୍ୟା ଅଛି ତାର ସମାଧାନ କରିବାକୁ ଚେଷ୍ଟା କରାଯିବ। ପ୍ରତି ତିନି ମାସରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ସହ ସମ୍ପର୍କ ରକ୍ଷାକରି କାମ କରିବାକୁ ସେ କହିଛନ୍ତି। ଆପଣଙ୍କ ଆଶୀର୍ବାଦରେ ମୁଁ ମନ୍ତ୍ରୀ ପଦ ପାଇଛି। ତେଣୁ ଆପଣ ମାନଙ୍କ ସହଯୋଗରେ ହିଁ ଅଞ୍ଚଳର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି। ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ରୁଦ୍ରପ୍ରତାପ ଦେଓ, ଭାଜପା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ସରପଞ୍ଚ ସୁବାସିନୀ ଧାନ, ଗୋବର୍ଦ୍ଧନ ବାଘ, ଶୁଳେଶ୍ୱରୀ ମାଝି, ଥନେଶ୍ୱର ନାଏକ, ପିଙ୍କି ନାଏକ, ସମିତି ସଭ୍ୟ ପରେଶ ପଟେଲ, ସମୀର କଉଡି, ଜିଲା ସମ୍ପାଦକ ବିଭୂତିକଲ୍ୟାଣ ପଟେଲଙ୍କ ସମେତ ଭାଜପା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସମଲେଇ ପ୍ରକଳ୍ପ ବିସ୍ଥାପିତ ପୂଜକଙ୍କୁ ଖୁବଶୀଘ୍ର ଘରଡ଼ିହ ପଟ୍ଟା

ସମ୍ବଲପୁର,୩।୮ (ପ୍ରମୋଦ ବହିଦାର)

ସମଲେଇ ପ୍ରକଳ୍ପରେ ବିସ୍ଥାପିତ ସମଲେଶ୍ୱରୀ ମନ୍ଦିରର ପୂଜକମାନଙ୍କୁ ମନ୍ଦିର ନିକଟସ୍ଥ ଶ୍ରୀକୃଷ୍ଣ ଗୋଶାଳାରେ ଥଇଥାନ ପୂର୍ବକ କ୍ଷତିପୂରଣ ରାଶି ସହ ଘରଡିହ ପ୍ରଦନେ କରାଯାଇଥିଲା। ଉକ୍ତ ଜମିରେ ପୂଜକମାନେ ସେଠାରେ ନୂତନ ଘର ତିଆରି କରି ରହୁଛନ୍ତି। ମାତ୍ର ସେମାନଙ୍କୁ ଉକ୍ତ ଜମିର ପଟ୍ଟା ମିଳିନାହିଁ। ଫଳରେ ସେମାନେ ନବନିର୍ମିତ ଘରକୁ ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ ସଂଯୋଗ କରି ପାରୁନାହାନ୍ତି। ସେମାନଙ୍କ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ପାଇଁ ଆବଶ୍ୟକ ହେଉଥିବା ବାସୀନ୍ଦା ସାର୍ଟିଫିକେଟ ମିଳିବାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଏ ସମ୍ପର୍କରେ ସେମାନେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ପ୍ରଶାସାନ ପକ୍ଷରୁ ଏଦିଗରେ ତତ୍ପରତା ପ୍ରକାଶ କରୁ ନ ଥିବା ପୂଜକମାନେ ଅଭିଯୋଗ କରିଥିଲେ। ତେବେ ଖୁବ୍ ଶୀଘ୍ର ପୂଜକମାଙ୍କ ଘରଡିହର ପଟ୍ଟା ପ୍ରଦାନ କରାଯିବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି ବୋଲି ଜିଲାପ୍ରଶାସନ ପକ୍ଷରୁ କୁହାଯାଇଛି। ସମ୍ବଲପୁର ସଦର ତହସିଲଦାର ମନୋଜ ପ୍ରଭାକର କୁଜୁର ସମଲେଇ ପ୍ରକଳ୍ପରେ ବିସ୍ଥାପିତ ୨୯ ଜଣ ପୂଜକ ନିର୍ମାଣ କରିଥିବା ଘର ପାଇଁ ମିଳିବାକୁ ଥିବା ୧୨ ଶହ ଘନଫୁଟ(ଅଢ଼େଇରୁ ତିନି ଡେସିମିଲ୍) ପରିମିତ ଲେଖାଏ ଜମିର ସ୍ଥାୟୀପଟ୍ଟା ପ୍ରସ୍ତୁତ ହୋଇସାରିଛି ବୋଲି କହିଛନ୍ତି। ସମଲେଇ ପୀଠର ସୌନ୍ଦର୍ଯ୍ୟକରଣ ପାଇଁ ଆରମ୍ଭ ହୋଇଥିବା ସମଲେଇ ପ୍ରକଳ୍ପ ଯୋଗୁ ଏଠାରେ ଦୀର୍ଘବର୍ଷଧରି ବସବାସ କରି ଆସୁଥିବା ଘୁନ୍‌ଘୁଟିପଡ଼ା ଓ ମନ୍ଦିର ପୂଜକମାନଙ୍କୁ ବିସ୍ଥାପିତ ହେବାକୁ ପଡ଼ିଥିଲା। ଘୁନଘୁଟି ପଡ଼ା ବାସୀଙ୍କୁ କ୍ଷତିପୂରଣ ରାଶି ସହିତ ମନ୍ଦଲିଆ ନିକଟରେ ଓପୂଜକମାନଙ୍କୁ ମନ୍ଦିର ନିକଟସ୍ଥ ଶ୍ରୀକୃଷ୍ଣଗୋଶାଳାରେ କ୍ଷତିପୂରଣ ରାଶି ସହିତ ଘରନିର୍ମାଣ ପାଇ ଜମି ଯୋଗାଇ ଦିଆଯାଇଥିଲା।

## ହରଭଙ୍ଗାରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଖୋଲୁ



ଦାବିପତ୍ର ପ୍ରଦାନ ସମୟରେ ପରିଷଦର କର୍ମକର୍ତ୍ତା।

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ବୌଦ୍ଧ, ୩।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ନୂତନ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସ୍ଥାପନ ନେଇ ବିଭିନ୍ନ ସ୍ଥାନରେ ଦାବି ଜୋର ଧରିଲାଣି। ଦୀର୍ଘ ଦିନ ହେବ ହରଭଙ୍ଗା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଚାରିଛକଠାରେ ଏକ ସରକାରୀ କୋଠାରେ କାର୍ଯ୍ୟ କରି ଆସୁଛି। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପାଇଁ ଦୀର୍ଘ ଦୁଇ ବର୍ଷ ହେବ ଅନୁଦାନ ଆସିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୋଠା ନିର୍ମାଣ ହୋଇପାରିନାହିଁ। ଚାରିଛକଠାରେ ସରକାରୀ ଜାଗା ଅଭାବ ଦର୍ଶାଇ ଦୁଇବର୍ଷ ପୂର୍ବରୁ ଏହି କାର୍ଯ୍ୟାଳୟ ପୁରୁଣାକଟକ ପ୍ରାଥମିକ ବିଦ୍ୟାଳୟ ନିକଟରେ କାର୍ଯ୍ୟକ୍ଷମ ହେବାକୁ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇବା ସହିତ ୧ ଏକର ଯାଗା କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରଦାନ କରାଯାଇଥିବା ନେଇ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରୁ ପ୍ରକାଶ କରିଛନ୍ତି। କିନ୍ତୁ କାର୍ଯ୍ୟାଳୟ ସ୍ଥାନାନ୍ତର ନେଇ ସେତେବେଳେ ମଧ୍ୟ ପ୍ରତିବାଦ ହୋଇଥିଲା। ବର୍ତ୍ତମାନ ପୁଣିଥରେ ଏହାକୁ ସ୍ଥାନାନ୍ତର ନ କରିବା ଲାଗି କିଛି ଦିନ ତଳେ ଚାରିଛକ ବଣିକ ସଂଘ ଜିଲାପାଳଙ୍କୁ ଦାବି କରିଥିଲେ। ଏପଟେ ହରଭଙ୍ଗାବାସୀଙ୍କ ପକ୍ଷରୁ ଏହାକୁ ନେଇ ଶନିବାର ହରଭଙ୍ଗାରେ ସ୍ଥାପନ କରିବାକୁ ଦାବିପତ୍ର ପ୍ରଦାନ କରାଯାଇଛି। ହରଭଙ୍ଗା ଗ୍ରାମବାସୀଙ୍କ ଅଭିଯୋଗ ହେଲା ଯେ, ହରଭଙ୍ଗା ଗୋଷ୍ଠୀ କାର୍ଯ୍ୟାଳୟ ହରଭଙ୍ଗାଠାରେ ହିଁ କାର୍ଯ୍ୟକାରୀ କରାଯାଉ। କାର୍ଯ୍ୟାଳୟ ନିର୍ମାଣ ପାଇଁ ହରଭଙ୍ଗାଠାରେ ପର୍ଯ୍ୟାପ୍ତ ପରିମାଣରେ ସରକାରୀ ଜମି ରହିଥିବାବେଳେ ଉକ୍ତ କାର୍ଯ୍ୟାଳୟକୁ ହରଭଙ୍ଗାଠାରେ ନିର୍ମାଣ କରିବାକୁ ହରଭଙ୍ଗା ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ ଦାବିପତ୍ରକୁ ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଉନ୍ନୟନ ପରିଷଦର ସଭାପତି ପ୍ରଦିପ୍ତ କୁମାର ସାହୁ, ପୂର୍ବତନ ହରଭଙ୍ଗା ସରପଞ୍ଚ ସୁବୋଧ କୁମାର ପ୍ରଧାନ, ସୁଶୀଳ କୁମାର ପ୍ରଧାନ ଓ ଅବକାଶ ସାହୁଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର,୨।୮ (ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶଠାରୁ କମ୍ ପରିମାଣ ବନ୍ୟାଜଳ ନିଷ୍କାସିତ ହେଉଛି। ଫଳରେ ଜଳଭଣ୍ଡାରରେ ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ରାତି ସାଢ଼େ ୯ଟା ସୁଦ୍ଧା ମିଳିଥିବା ଶେଷ ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୮.୯୭ ଫୁଟ ରହିଛି। ଶନିବାର ଜଳଭଣ୍ଡାରରୁ ଡାହାଣ ପଟେ ୨ ଓ ବାମ ପଟେ ୪ଟି ମିଶି ମୋଟ୍ ମୋଟ ୬ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ବନ୍ୟାଜଳ ନିଷ୍କାସନ ଅବ୍ୟାହତ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ୧ ଲକ୍ଷ ୪୬ ହଜାର ୯୦୧ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ସ୍ଲୁଇସ୍ ଗେଟ୍, ପାୱାର କେନାଲ, ଜଳସେଚନ ପାଇଁ ବିଭିନ୍ନ କେନାଲ ଓ ଶିଳ୍ପାନୁଷ୍ଠାନ ମିଶି ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୨୬ ହଜାର ୪୮ ଘନଫୁଟ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ୬ଟି ସ୍ଲୁଇସ୍ ଗେଟ୍ ମଧ୍ୟଦେଇ ପ୍ରତି ସେକେଣ୍ଡରେ ହାରାହାରି ୮୮ ହଜାର ୬୫୦ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର କେନାଲରେ ୩୪ ହଜାର ୧୦୯ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୭୨୨ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୯୫ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଓ ଶିଳ୍ପାନୁଷ୍ଠାନ ଗୁଡ଼ିକୁ ମିଶି ମୋଟ ୨୭୫ ଘନଫୁଟ ଜଳ ଯୋଗାଣ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପର ମୁଣ୍ଡରେ ୨୯.୯୪ ମିଲିମିଟର ଓ ତଳ ମୁଣ୍ଡରେ ୧୧.୮୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନାରୁ ପ୍ରକାଶ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବ୍ୟକ୍ତି ମୃତ

ବଡ଼ଗାଁ,୩।୮ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବରଙ୍ଗାକଛାର ଗ୍ରାମରେ ଶନିବାର ଜଣେ ଯୁବକ ଇଲେଭେନ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଜେମ୍ସ ସଏ(୪୦)। ସୂଚନା ଅନୁଯାୟୀ, ଶନିବାର ମଧ୍ୟାହ୍ନରେ ଜେମ୍ସ ଛାତ ଉପରେ ଚଢ଼ି ବିଦ୍ୟୁତ୍ ତାର ମରାମତି କରୁଥିଲେ। ହଠାତ୍ ଘର ଉପର ଦେଇ ଯାଇଥିବା ଇଲେଭେନ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ କ୍ଷତିପୂରଣ ଦାବି କରିଥିଲେ। ବିଭାଗୀୟ ଅଧିକାରୀ ଓ ପୋଲିସ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାସୁଝା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ସୂଚନାଯୋଗ୍ୟ, ଜନବସତି ମଝିରେ ଥିବା ଟ୍ରାନ୍ସଫର୍ମର ଓ ବିଦ୍ୟୁତ୍ ତାର ଯୋଗୁ ଲୋକଙ୍କ ଜୀବନ ପ୍ରତି ବିପଦ ଥିବାରୁ ଗ୍ରାମବାସୀମାନେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ ଦୀର୍ଘ ବର୍ଷ ଦାବି ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରି ନାହିଁ।



କ୍ଷତିପୂରଣ ଦାବିରେ ଲୋକେ ଜମା ହୋଇଛନ୍ତି।

## ୧୧୮ ଛାତ୍ରୀଛାତ୍ରଙ୍କ ପାଇଁ ୩ କୋଠରି

**ଶିକ୍ଷକ ଅଭାବ, ଗୋଟିଏ ଛାତ ତଳେ ୨ଟି ଶ୍ରେଣୀର ପାଠପଢ଼ା**

ସଇଁତଲା,୩।୮ (ରାଖାଲ ପ୍ରସାଦ ଶତପଥି)

ରାଜ୍ୟରେ ବିଜେଡି ଶାସନ ଚାଲିଥିବାବେଳେ ୫–ଟି ଅଧିନକୁ ନେଇ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ ହୋଇଥିଲା। କେବଳ ବିଦ୍ୟାଳୟଗୁଡ଼ିକ ଚକାଚକ କରି ଦିଆଯାଇଥିବାବେଳେ ବିଦ୍ୟାଳୟରେ ହେଉଥିବା ବିଭିନ୍ନ ଅସୁବିଧାକୁ ଅଣଦେଖା କରାଯାଇଥିଲା। ଫଳରେ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରୀପାଲି ପଞ୍ଚାୟତର ସାନ୍ତଉପେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସୂଚନା ମୁତାବକ ୧୯୫୮ ମସିହାରେ ନିର୍ମାଣ ହୋଇଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ୧୧୮ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ ଅଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ମାତ୍ର ୪ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ବିଦ୍ୟାଳୟରେ ସର୍ବମୋଟ ୪ଟି କୋଠରି ରହିଛି। ସେ ମଧ୍ୟରୁ ଗୋଟିଏ କୋଠରିକୁ ବିଦ୍ୟାଳୟର କାର୍ଯ୍ୟାଳୟ ଭାବରେ ବ୍ୟବହାର କରାଯାଉଛି। ଅନ୍ୟ ତିନିଗୋଟି କୋଠରିରେ ୧୧୮ ଛାତ୍ରୀଛାତ୍ର ବସି ପାଠ ପଢୁଛନ୍ତି। ଗୋଟିଏ ଗୋଟିଏ କୋଠରିରେ ଦୁଇଟି ଶ୍ରେଣୀର ଛାତ୍ରୀଛାତ୍ର ବସି ପାଠ ପଢୁଥିବାବେଳେ ପ୍ରଥମ ଶ୍ରେଣୀର ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସି ଅଧ୍ୟୟନ କରୁଛନ୍ତି। ବର୍ତ୍ତମାନ ବର୍ଷାଦିନ ହୋଇଥିବାରୁ ବର୍ଷାହେଲେ ଛାତ୍ରୀଛାତ୍ର ପାଠ ପଢ଼ିବାରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଦ୍ୟାଳୟରେ ଥିବା ପ୍ରଧାନ ଶିକ୍ଷକ କୌଣସି କାର୍ଯ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଲେ କିମ୍ବା ଅନ୍ୟ କୌଣସି ଶିକ୍ଷକ ଅନୁପସ୍ଥିତ ରହିଲେ ସେହିଦିନ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ ହୋଇଥାଏ। ବିଦ୍ୟାଳୟରେ ଶ୍ରେଣୀଗୃହର ଅଭାବ ତଥା ଶିକ୍ଷକ ଅଭାବକୁ ନେଇ ଗ୍ରାମବାସୀ ବାରମ୍ବାର ବ୍ଲକ ଶିକ୍ଷା ବିଭାଗକୁ ଅଭିଯୋଗ କରିଥିଲେ ମଧ୍ୟ ଶିକ୍ଷା ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇଙ୍କୁ ଫୋନ ଯୋଗେ ପଚାରିବାରୁ ସେ କହିଲେ, ଶିକ୍ଷକ ଅଭାବ ଯୋଗୁ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ଶିକ୍ଷକ ଦିଆଯାଇ ପାରୁନାହିଁ। ରାଜ୍ୟ ସରକାର ଶିକ୍ଷକ ନିଯୁକ୍ତ କଲେ ଏହାର ସମାଧାନ ହୋଇପାରିବ। ଶ୍ରେଣୀ କୋଠରି ନିର୍ମାଣ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଦିଆଯାଇଛି। ଏହାର ଯଥାଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ।



ଗୋଟିଏ କୋଠରିରେ ଦୁଇଟି ଶ୍ରେଣୀର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।

## ସଂକ୍ଷେପରେ

### ବେଦବ୍ୟାସ ପୀଠରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ରାଉରକେଲା,୩।୮ (ବିପ୍ଳବ ରଞ୍ଜନ ଦାଶ):** ସତ୍ୟସାଇ ସେବା ଟ୍ରଷ୍ଟ, ଗୁରୁକୁଳ ସଂସ୍କୃତ କଲେଜ, କଲ୍ୟାଣ ସେବା ଆଶ୍ରମ ଓ ଗୁରୁକୁଳ ଆଶ୍ରମ ତରଫରୁ ବେଦବ୍ୟାସ ପୀଠରେ ଶୁକ୍ରବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟାସଖୋଲା, ବ୍ୟାସ ବାଟିକାରେ ଶିବପାର୍ବତୀଙ୍କ ମୂର୍ତ୍ତି ସ୍ଥାପନ ଓ ଭକ୍ତମାନଙ୍କ ପାଇଁ ଆଧ୍ୟାତ୍ମିକ ପରିବେଶ ଉପରେ ସ୍ଥାନୀୟ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଆୟୋଜିତ ଆଲୋଚନାଚକ୍ରରେ ସମାଜସେବୀ ହରିହର ରାଉତରାୟ, ସ୍ୱାମୀ ଅଗ୍ନିବାବା, ପ୍ରଦୀପ ପଟ୍ଟନାୟକ, ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା, ବଦ୍ରିନାଥ ପାଢୀ ପ୍ରମୁଖ ବେଦବ୍ୟାସ ପୀଠର ଉନ୍ନତୀକରଣ ନେଇ ଚର୍ଚ୍ଚା କରିଥିଲେ। ପରେ ବେଦବ୍ୟାସ ସଂସ୍କୃତ କଲେଜର ନୂତନ ଯଜ୍ଞମଣ୍ଡପ ମୁଖ୍ୟଅତିଥିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହାପରେ ବେଦବ୍ୟାସଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡକ୍ଟର ପରମେଶ୍ୱର ଶତପଥି, କାଳୀକିଙ୍କର ପଣ୍ଡା, କେଦାରନାଥ ପାଢୀ, ଶିବ ପ୍ରସାଦ ପାଠୀ, ସନ୍ତୋଷ କୁମାର ଲେଙ୍କା, ରବିନ୍ଦ୍ର କୁମାର ପୃଷ୍ଟି ଓ ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ବାସନ୍ତୀ କଲୋନିରେ ଜନଶୁଣାଣି

**ରାଉରକେଲା,୩।୮ (ଦିନେଶ ମିଶ୍ର):** ବାସନ୍ତୀ କଲୋନୀସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ପକ୍ଷରୁ ଶୁକ୍ରବାର ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ଅତିରିକ୍ତ ଜିଲାପାଳ ତଥା ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣି ଅଧ୍ୟକ୍ଷତା କରି ଲୋକମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗଗୁଡ଼ିକ ଶୁଣିବା ସହ ସେଗୁଡ଼ିକର ଦ୍ରୁତ ସମାଧାନ ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଶୁଣାଣିରେ ବାସନ୍ତୀ କଲୋନୀର ୱାର୍ଡ ନଂ.୧୬, ୧୭ ଓ ୧୮ର ଅଧିବାସୀମାନେ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ସେଥିମଧ୍ୟରେ ଡ୍ରେନେଜ, ଷ୍ଟ୍ରିଟ ଲାଇଟ୍, ଜବରଦଖଲ ଉଚ୍ଛେଦ, ଭେଣ୍ଡିଂ ଜୋନ ନିର୍ମାଣ ଆଦି ସମସ୍ୟା ରହିଛି। ଜନଶୁଣାଣିରେ ଆରଏମ୍‌ସି ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଡେପୁଟି କମିଶନର ଅନିତା ନାୟକ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟ ବିଭାଗୀୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ଝାଡ଼ାବାନ୍ତିରେ ୬ ଆକ୍ରାନ୍ତ, ଡାକ୍ତରଖାନାରେ ଭର୍ତ୍ତି

**କୋକସରା,୩।୮ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତ ପିପଲପଡ଼ା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପୁଛି। ଶନିବାର ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଗ୍ରାମର ଜଗ ସୋରି(୩୫), ଖଗେଶ୍ୱର ପୋଟା (୩୨), ପ୍ରମିଳା ପୋଟା(୩୦), ବାସନ୍ତୀ ପୋଟା(୨୮), ଅନିତା ଧରୁଆ(୨୮), ପିତାମ୍ବର ସୋରି(୮)ଙ୍କୁ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଝାଡ଼ାବାନ୍ତି ବ୍ୟାପିବାର ପ୍ରମୁଖ କାରଣ ଦୂଷିତ ପାନୀୟ ଜଳ ସେବନ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ପଡାରେ ୩ ଗୋଟି ନଳକୂପ ରହିଥିବା ବେଳେ ଏହି ନଳକୂପର ପାଣିକୁ ପଡ଼ାବାସୀ ବ୍ୟବହାର କରୁଥିବା ଜଣାପଡିଛି।

### କାମ କରି ବର୍ଷେ ହେଲା ପାଇନାହାନ୍ତି ପାରିଶ୍ରମିକ

**ଥୁଆମୂଳ ରାମପୁର,୩।୮ (ଦୁର୍ଗା କୀର୍ତ୍ତି):** ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିବାର ବର୍ଷେ ପରେ ଶ୍ରମିକଙ୍କୁ ପାରିଶ୍ରମିକ ମିଳିନାହିଁ। ଏଭଳି ଅଭିଯୋଗ ଆସିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର କର୍ଲାପାଟ ପଞ୍ଚାୟତରୁ। ଏହି ପଞ୍ଚାୟତର ଭେଜିଗୁଡ଼ା ଗାଁର ପ୍ରାୟ ୫୦ଜଣ ଜବ୍‌କାର୍ଡ ହିତାଧିକାରୀ ପାରିଶ୍ରମିକ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଉକ୍ତ ଗାଁର ୫୦ଜଣ ଶ୍ରମିକ ଗାଁ ନିକଟ ପାହାଡ଼ରେ ଗାତ ଖୋଳିଥିଲେ। ଏ ସମ୍ପର୍କରେ ବିଡିଓ ଧ୍ରୁବଚରଣ ମୁଦୁଲିଙ୍କୁ ପଚାରିବାରୁ ତଦନ୍ତକରି ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଅର୍ଥ ମଞ୍ଜୁରୀ ସତ୍ତ୍ୱେ ସରୁନି କାମ

**ରାଉରକେଲା,୩।୮ (ବିପ୍ଳବ ରଞ୍ଜନ ଦାଶ)**





ରାଉରକେଲା-୧୨ ନଂ ଜୋନରେ ନିର୍ମାଣାଧୀନ ଜଳପ୍ରକଳ୍ପ । ଅସମ୍ପୂର୍ଣ୍ଣ ଜଳ ବିଶୋଧନାଗାର।

ଦେଶର ସମସ୍ତ ପରିବାରକୁ ଟ୍ୟାପ୍ ଯୋଗେ ବିଶୁଦ୍ଧ ପାଣି ଯୋଗାଇଦେବା ପାଇଁ କେନ୍ଦ୍ର ସରକାର ଡ୍ରିଙ୍କ୍‌ସ ଫର ଟ୍ୟାପ୍ ମିଶନ ଆରମ୍ଭ କରିଥିଲେ। ଏଥିପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ଅର୍ଥ ମଧ୍ୟ ମଞ୍ଜୁର ହୋଇଥିଲା। ତେବେ ଏହି ମିଶନ ଅବଧି ୨୦୨୩ ସେପ୍ଟେମ୍ବର ମାସ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଧାରିତ ହୋଇଥିବା ବେଳେ ଏହା ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇନାହିଁ। ଫଳରେ ରାଉରକେଲାରେ ଏହି ମିଶନ ବାଟବଣା ହୋଇପଡିଥିବା ଆଲୋଚନା ହେଉଛି।

ସୂଚନା ଅନୁସାରେ, ରାଉରକେଲା ସହରାଞ୍ଚଳର ୨୧ଟି ଜୋନ୍‌ର ହାରାହାରି ୩ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ପାଇଁ ରାଉରକେଲା ଜଳ ବିଭାଜନ ନିଗମ(ୱାଟକୋ) ଅଧୀନରେ ଏହି ଯୋଜନା କାର୍ଯ୍ୟକାରୀ ହେଲା। ଏଥିପାଇଁ ଆର୍ଥିକ ବର୍ଷ ୨୦୨୦-୨୧ରେ ୧୨୯କୋଟି ୬୪ଲକ୍ଷ ଟଙ୍କା, ୨୦୨୨-୨୩ରେ ୬କୋଟି ୫୮ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଥିଲା। ଏଥିରେ ଡ୍ରିଙ୍କସ ଫର ଟ୍ୟାପ ମିଶନ ସମ୍ପୂର୍ଣ୍ଣ କରିବାର ପ୍ରାବଧାନ ରହିଥିଲା। ମାତ୍ର କୋଟି କୋଟି ଟଙ୍କା ମଞ୍ଜୁର ହେବା ସତ୍ତ୍ୱେ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ୨୮ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନ କାର୍ଯ୍ୟ, ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ, ଜଳ ବିଶୋଧନ ପ୍ଲାଣ୍ଟ, ଫିଲ୍ଟର ହାଉସ ସହ ଅନେକ ଗୁରୁତ୍ୱପୂର୍ଣ୍ଣ କାମ ବାକି ରହିଛି। ଫଳରେ ମିଶନ ଅବଧି ଶେଷ ହୋଇଥିଲେ ସୁଦ୍ଧା ୨୧ଟି ଜୋନର ଲକ୍ଷାଧିକ ଲୋକଙ୍କ ନିକଟକୁ ବିଶୁଦ୍ଧ ପାଣି ପହଞ୍ଚି ପାରିନାହିଁ।

**ଷ୍ଟିଲସିଟିରେ ଡ୍ରିଙ୍କ୍‌ସ ଫର୍ ଟ୍ୟାପ୍ ମିଶନ ବାଟବଣା**

ରାଉରକେଲା ସହରର ଦହିପୋଷ, ପାନପୋଷ ଜୋନ-୧୧, ଛେଣ୍ଡ-୧ ଓ ୨ର ଜୋନ-୧୨/୧୩, ବାସନ୍ତୀ ଜୋନ-୧୭, ଦେଓଗାଁ ଜୋନ-୨୯, ନବକୃଷ୍ଣନଗର ଜୋନ-୩୦, ବେଦବ୍ୟାସ ଜୋନ-୩୫, ଝାଡତରଙ୍ଗ ଜୋନ-୩୬, ଟିମ୍ବର କଲୋନୀ ଜୋନ-୧୫, ମଧୁସୂଦନପାଲ୍ଲୀ ଜୋନ-୧୬, ଜବାହାରନଗର ଜୋନ-୨୭ ଆଦିରେ କାର୍ଯ୍ୟ ଏଯାଏ ଆଗେଇ ପାରିନାହିଁ। ଏଣୁ ଯୁଦ୍ଧକାଳୀନ ଭିତିରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରି ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏ ନେଇ ରାଉରକେଲା ଜଳ ବିଭାଜନ ବିଭାଗ ପରିଚାଳକ ରାଜେନ୍ଦ୍ର କୁମାର ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି, ପ୍ରକଳ୍ପ କାମ ଆସନ୍ତା ଡିସେମ୍ବର ଓ ଜାନୁୟାରୀ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ୨୧ଟି ଜୋନ ମଧ୍ୟରୁ ଅଧିକାଂଶ ଜୋନରେ କାମ ସମ୍ପୂର୍ଣ୍ଣ ହୋଇସାରିଛି। ଅନୁଦାନ ରାଶି ଜନିତ ସମସ୍ୟା, ସହରରେ କିଛି ମାସ ତଳେ ବ୍ୟାପିଥିବା ଝାଡାବାନ୍ତି କାରଣରୁ ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିଥିଲା। ବର୍ତ୍ତମାନ ବର୍ଷା ଯୋଗୁ ନଦୀଜଳ ଗୋଳିଆ ହୋଇଛି। ନଦୀ ଜଳ ବିଶୋଧନ କରି ବିଶୁଦ୍ଧ ଜଳ ସମଗ୍ର ସହରକୁ ପହଞ୍ଚାଇବା କାର୍ଯ୍ୟ ଚାଲିଛି। ଏଣୁ ବର୍ଷା ପରେ ପୃଥକ ଭାବେ ୨ଟି ଟେଣ୍ଡର ଆହ୍ୱାନ ହେବ। ଟେଣ୍ଡର ହୋଇଗଲା ପରେ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ହେବା ସହ ତୁରନ୍ତ ସମ୍ପୂର୍ଣ୍ଣ ହେବ ବୋଲି ସେଠୀ କହିଥିଲେ।

## ୬୦ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ପ୍ରଦାନ

**ରାଉରକେଲା,୩।୮ (ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ସିଏସ୍‌ଆର୍ ପଦକ୍ଷେପ ଅନୁଯାୟୀ ଆଲମିକୋ (କୃତ୍ରିମ ଅଙ୍ଗ ଉତ୍ପାଦନ କେନ୍ଦ୍ର)ର ମିଳିତ ସହଭାଗିତାରେ ଲାଠିକଟା ବ୍ଲକ ଅଞ୍ଚଳର ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକମାନଙ୍କୁ ୧୨୮ଟି ସହାୟକ ଉପକରଣ ଲାଠିକଟା ବ୍ଲକ କାର୍ଯ୍ୟାଳୟଠାରେ ବଣ୍ଟନ କରାଯାଇଛି। ଏହି ଅବସରରେ ଲାଠିକଟା ବିଡିଓ ମାନସ କୁମାର ସାହୁ, ଆର୍‌ଏସ୍‌ପିର ସିଏସ୍‌ଆର୍ ବିଭାଗର ଏଜିଏମ୍ ଟି. ବି. ଟପ୍ପୋ, ଲାଠିକଟା ବିଏସ୍‌ଏସ୍‌ଓ ମନୋଜ ବାଗେ, ଆର୍‌ଏସ୍‌ପି, ଆଲମିକୋ, ସ୍ଥାନୀୟ ବ୍ଲକର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଅଧିକାରୀମାନେ ୫୯ ଜଣ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ବ୍ୟାଟେରିଚାଳିତ ମୋଟରାଇଜ୍‌ଡ ଟ୍ରାଇସାଇକେଲ, ହ୍ୟାଣ୍ଡ ପ୍ରୋପେଡ ଟ୍ରାଇସାଇକେଲ, ହ୍ୱିଲ ଚେୟାର, ଶ୍ରବଣ ଉପକରଣ, ସ୍ମାର୍ଟ କେନ, ସ୍ମାର୍ଟ ଫୋନ୍ ଓ କ୍ରଚ୍ ଆକ୍ସିଲା ଆଦି ସହାୟକ ଉପକରଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଏହାର ସମସ୍ତ ୟୁନିଟ୍‌ଗୁଡ଼ିକରେ ଭିନ୍ନକ୍ଷମଙ୍କୁ ଏଭଳି ଉପଯୋଗୀ ସହାୟତା ଯୋଗାଇ ଦେବା ପାଇଁ ସେଲ୍ ଦ୍ୱାରା ଆରମ୍ଭ ହୋଇଥିବା ପଦକ୍ଷେପର ଏହି କାର୍ଯ୍ୟକ୍ରମ ଅଂଶବିଶେଷ ରହିଥିଲା। ଭିନ୍ନକ୍ଷମ ବ୍ୟକ୍ତି ଓ ବରିଷ୍ଠ ନାଗରିକମାନଙ୍କୁ ସହାୟତା ଓ ସହାୟକ ଉପକରଣ ବଣ୍ଟନ କରିବା ପାଇଁ ଆର୍‌ଏସ୍‌ପି ଆଲମିକୋ ସହିତ ଏମ୍‌ଓୟୁ ସ୍ୱାକ୍ଷରିତ କରିଛି। ଆଗକୁ ପାର୍ଶ୍ୱାଞ୍ଚଳଗୁଡ଼ିକରେ ଏଭଳି କାର୍ଯ୍ୟକ୍ରମ କରାଯିବାକୁ ଧାର୍ଯ୍ୟ କରାଯାଇଛି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବ୍ୟକ୍ତି ମୃତ



କ୍ଷତିପୂରଣ ଦାବିରେ ଲୋକେ ଜମା ହୋଇଛନ୍ତି।

**ବଡ଼ଗାଁ,୩।୮ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବରଙ୍ଗାକଛାର ଗ୍ରାମରେ ଶନିବାର ଜଣେ ଯୁବକ ଇଲେଭେନ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଜେମ୍ସ ସଏ(୪୦)। ସୂଚନା ଅନୁଯାୟୀ, ଶନିବାର ମଧ୍ୟାହ୍ନରେ ଜେମ୍ସ ଛାତ ଉପରେ ଚଢ଼ି ବିଦ୍ୟୁତ୍ ତାର ମରାମତି କରୁଥିଲେ। ହଠାତ୍ ଘର ଉପର ଦେଇ ଯାଇଥିବା ଇଲେଭେନ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ କ୍ଷତିପୂରଣ ଦାବି କରିଥିଲେ। ବିଭାଗୀୟ ଅଧିକାରୀ ଓ ପୋଲିସ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାସୁଝା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ସୂଚନାଯୋଗ୍ୟ, ଜନବସତି ମଝିରେ ଥିବା ଟ୍ରାନ୍ସଫର୍ମର ଓ ବିଦ୍ୟୁତ୍ ତାର ଯୋଗୁ ଲୋକଙ୍କ ଜୀବନ ପ୍ରତି ବିପଦ ଥିବାରୁ ଗ୍ରାମବାସୀମାନେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ ଦୀର୍ଘ ବର୍ଷ ଦାବି ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରି ନାହିଁ।

## ମହାବୀର ପର୍ବତରେ ଝଣ୍ଡା ଉଡାଇଲେ ଗ୍ରାମବାସୀ

**ବଡ଼ଗାଁ, ୩।୮ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଠାରୁ ୬ କିଲୋମିଟର ଦୂରରେ ଅବସ୍ଥିତ ମହାବୀର ପର୍ବତରେ ଝଣ୍ଡା ଉଡାଇଲେ ଗ୍ରାମବାସୀ। ବଡ଼ଗାଁର କୁଳ ପୁରୋହିତ ତଥା ହନୁମାନ ପୂଜକ ସ୍ୱର୍ଗତ ନିତ୍ୟାନନ୍ଦ ନାୟକଙ୍କ ସାନ ପୁଅ ଚୁକୁ ନାୟକ, ନାତି ଅମ୍ଲାନ ଜ୍ୟୋତି ନାୟକଙ୍କ ସହିତ ପିଣ୍ଟୁ ହୋତା, ଚକ୍ରଧର ମହାନ୍ତି, ବିଶ୍ୱ ପୁରୋହିତ, ଅମିତ ପୃଷେଟ, ବାବୁଲି କର୍ସେଲ, ଗଗନ ସାହୁ, ଗୌରାଙ୍ଗ ପୃଷେଟ, ମନୋଜ ଦାସ, ମୁନୁ ଦାସଙ୍କ ସହିତ ବହୁ ସଂଖ୍ୟକ ଯୁବକ ପର୍ବତକୁ ଯାଇ ଝଣ୍ଡା ସ୍ଥାପନ କରିଥିଲେ। ଶାଶତ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲାବେଳେ ଅମ୍ଲାନ ଜ୍ୟୋତି ନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବଡ଼ଗାଁ ଗ୍ରାମବାସୀଙ୍କ ଦ୍ୱାରା ଝଣ୍ଡା ସ୍ଥାପନ ପରେ ଅନ୍ୟ ଦିବସରେ ଅନ୍ୟାନ୍ୟ ଗ୍ରାମର ଲୋକେ ଯାଇ ବୈଠକ କୀର୍ତ୍ତନ କରିବେ। ସୂଚନାଯୋଗ୍ୟ, ୧୯୬୬ରେ ଏହି ପର୍ବତ ଶିଖରକୁ ସ୍ୱର୍ଗତ ନିତ୍ୟାନନ୍ଦ ଯାଇ କିଛିଦିନ ଅବସ୍ଥାନ କରିଥିଲେ। ୧୯୬୭ରେ ସ୍ୱର୍ଗତ ନାୟକଙ୍କ ସହ ସ୍ୱର୍ଗତ ଚୂଡ଼ାମଣି ସା, ସ୍ୱର୍ଗତ ମଣୀ ମିଶିରଙ୍କ ସହିତ ୫ ଜଣ ଯାଇ ବୈଠକି କୀର୍ତ୍ତନ କରିଥିଲେ। ସେହି ସମୟରୁ ପାରମ୍ପରିକ ଭାବେ ବଡ଼ଗାଁ ଗ୍ରାମବାସୀ ମହାବୀର ପର୍ବତକୁ ଶ୍ରାବଣ ଦ୍ୱିତୀୟ ଶନିବାର ସକାଳୁ ଯାଇ ଶିଖରରେ ହନୁମାନ ଝଣ୍ଡା ସ୍ଥାପନ କଲାପରେ ପୋଢ ଗୁହାଳ ଗୁମ୍ଫାରେ ରହି ପୂଜାର୍ଚ୍ଚନା ଓ ବୈଠକି କୀର୍ତ୍ତନ କରିଥାନ୍ତି। ପରଦିନ ସକାଳୁ ଫେରିଆସିଥାନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ଲହୁଣୀପଡା,୩।୮ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଶ୍ରେଣୀରୁ ୧୦ମଶ୍ରେଣୀର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ବିଭିନ୍ନ ବିଷୟର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମୋଟ ୯୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ବେଳେ ବିଚାରକ ଭାବେ କୁଳିପୋଷ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ କ୍ଷୀରେନ ମାହାନ୍ତ ଓ କଲେଇପୋଷ ଉଚ୍ଚ ବିଦ୍ୟାଳୟ ଅତିଥି ଗଣିତ ଶିକ୍ଷକ ହରେକୃଷ୍ଣ ମାହାନ୍ତ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କୁମାର ଗୌତମ ବାରିକ, ସମ୍ମାନିତ ଅତିଥିଭାବେ ଦେବକାନ୍ତ ଜୟସ୍ୱାଲ, ଧିରେନ୍ଦ୍ର କୁମାର ମାହାନ୍ତ, ଝଶକେତନ ମାହାନ୍ତ ଯୋଗଦେଇଥିଲେ। ଯୋଶବନ୍ତ ମାହାନ୍ତ ପରିଚୟ ପ୍ରଦାନ କରିବା ସହିତ ମଞ୍ଚପରିଚାଳନା କରିଥିଲେ। ବିଭିନ୍ନ ବିଭାଗରେ ପ୍ରଥମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରି ଥିବା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଶାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମେଳାକୁ ବିଜ୍ଞାନ ଶିକ୍ଷକ ଘୃତକୁମାର ବେହେରା, ଅମରେନ୍ଦ୍ର ମାହାନ୍ତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସଭା ଶେଷରେ ଯମୁନା ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କାଉଟ୍ସ ଗାଇଡ୍ସର ବିଶ୍ୱ ସ୍କାର୍ଫ ଦିବସ




ଉପସ୍ଥିତ ସ୍କାଉଟ୍ସ ଗାଇଡ୍ସ ଛାତ୍ରୀଛାତ୍ର।

**କୁତ୍ରା,୩।୮ (ଦେବାଶିଷ ସାହୁ)**

କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟଠାରେ ସ୍କାଉଟ୍‌ସ ଗାଇଡ୍‌ସ ପକ୍ଷରୁ ବିଶ୍ୱ ସ୍କାର୍ଫ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ତଥା ଜିଲା ମୁଖ୍ୟ କମିଶନର ଅମୂଲ୍ୟ କୁମାର ପଧାନଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱ ସ୍କାର୍ଫ ଦିବସ ଅନୁଷ୍ଠିତ ହୋଇଯାଇଛି। ଭାରତ ସ୍କାଉଟସ ଗାଇଡସ ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କମିଶନର ବିଭୀଷଣ ବାରିକ ଓ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ମହନୀୟତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ୫୦୦ରୁ ଊର୍ଦ୍ଧ୍ୱ ସ୍କାଉଟସ ଗାଇଡସ ଅଂଶଗ୍ରହଣ କରିବା ସହ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀଙ୍କୁ ସ୍କାର୍ଫ ପିନ୍ଧାଇ ସ୍ୱାଗତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସ୍କାଉଟ୍ସ ମାଷ୍ଟର ଧୃତିସୁନ୍ଦର ସାହୁ,ସ୍କାଉଟ୍ସ ମାଷ୍ଟର ଅବିନାଶ କର ଓ ଗାଇଡ୍‌ସ କ୍ୟାପଟେନ ମଞ୍ଜୁ ଏକ୍କା ପରିଚାଳନା କରିଥିଲେ ।

## ଅଲଖପୁରରେ ୫ ଘର ଭାଙ୍ଗିଲା ଦନ୍ତା



**ବଣାଇଁ,୩।୮ (ପ୍ରଦୀପ ତ୍ରିପାଠୀ)**

**କାନ୍ଥ ପଡ଼ିବାରୁ ୩ ଆହତ**

ସୁନ୍ଦରଗଡ ଜିଲା ବଣାଇଁ ବନାଞ୍ଚଳର ଅଲଖପୁର ଗ୍ରାମରେ ଶୁକ୍ରବାର ରାତିରେ ଗୋଠଛଡ଼ା ଦନ୍ତା ପଶି ୫ ଜଣଙ୍କ ଘର ଭାଙ୍ଗି ଦେଇଛି। ଗ୍ରାମର ରମେଶ କିସାନଙ୍କ ଘର ଭାଙ୍ଗିବାବେଳେ ସ୍ତ୍ରୀ ଓ ଛୁଆଙ୍କ ଉପରେ ଇଟା ପଡି ସେମାନେ ଆହତ ହୋଇଛନ୍ତି। ଗ୍ରାମର ରମେଶଙ୍କ ସମେତ ରଞ୍ଜନା କିସାନ, ସୁଶୀଲ କିସାନ, ଚୈତନ କିସାନ ଓ ସାଧୁ କିସାନଙ୍କ ଘର ମଧ୍ୟ ଭାଙ୍ଗି ଦେଇଛି ଏହି ଗୋଠଛଡା ଦନ୍ତା । ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଏବେ ବାସହରା ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବନବିଭାଗର ବନପାଳ ତାପସ କୁମାର ଶତପଥୀ ଗ୍ରାମରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ହାତୀକୁ ଘଉଡାଇବା ପାଇଁ ବନବିଭାଗ ତତ୍ପରତା ପ୍ରକାଶ କରୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

## ଛାତ୍ରୀଛାତ୍ରଙ୍କୁ ଚାରା ବାଣ୍ଟିଲା ଆର୍‌ଏସ୍‌ପି

**ରାଉରକେଲା,୩।୮ (ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗ ପକ୍ଷରୁ ଲାଠିକଟା ବ୍ଲକର ଜଳଦା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ୫ଶହ ଫଳଚାରା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜଳଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସୁସ୍ମିତା ବେହେରା ଓ ସିଏସ୍‌ଆର ବିଭାଗର ଏଜିଏମ ଏନ୍. ପତି ନେତୃତ୍ୱ ନେଇଥିଲେ। ଏହି ଅବସରରେ ଇକୋ ଗ୍ରୁପ୍‌ର ବସନ୍ତ ମହାପାତ୍ରଙ୍କ ସମେତ ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଗଣ ଉପସ୍ଥିତ ରହିଥିଲେ। ସୁଶ୍ରୀ ବେହେରା ନିଜ ଅଭିଭାଷଣରେ ବିଶ୍ୱତାପନ ଯୋଗୁ ବୃକ୍ଷରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ଆମ୍ବ, ଲେମ୍ବୁ, ଲିଚୁ, ଅଁଳା, ଗୁଆ ଆଦି ବୃକ୍ଷଚାରା ବଣ୍ଟନ କରାଯାଇଥିଲା। ସିଏସ୍‌ଆର ବିଭାଗ ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ଟେକ୍ନିସିଆନ ଗନ୍ଧର୍ବ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପ୍ରଶିକ୍ଷଣ ନେଲେ ୬୫ ସ୍ୱାସ୍ଥ୍ୟ କର୍ମୀ

**କୁଆଁରମୁଣ୍ଡା,୩।୮ (ମହେନ୍ଦ୍ର କୁମାର ସାହୁ)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସୁନ୍ଦରଗଡ ଜିଲାରେ କିଭଳି ଡେଙ୍ଗୁ,ମ୍ୟାଲେରିଆ ଓ ଜାପାନିଜ ଏନସେଫାଲାଇଟିସ ରୋଗକୁ ନିବାରଣ କରାଯାଇପାରିବ ସେଥିପାଇଁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୩ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଶନିବାର ଏହା ଉଦ୍‌ଯାପିତ ହୋଇଯାଇଛି। ଜିଲାର ୬୫ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପ୍ରତ୍ୟେକ ପ୍ରଶିକ୍ଷିତ ସ୍ୱାସ୍ଥ୍ୟ କର୍ମୀ ନିଜ ନିଜ ଅଞ୍ଚଳରେ ଉକ୍ତ ଭୂତାଣୁଜନିତ ରୋଗଗୁଡ଼ିକର ନିବାରଣ ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରସନ୍ନ କୁମାର ପାତ୍ର ଯୋଗଦେଇ ପରାମର୍ଶ ଦେଇଥିଲେ। ଅନୁରୂପଭାବେ ପ୍ରତ୍ୟେକ ପ୍ରଶିକ୍ଷିତ ସ୍ୱାସ୍ଥ୍ୟ କର୍ମୀ ନିଜ ଅଞ୍ଚଳରେ ଡେଙ୍ଗୁ,ମ୍ୟାଲେରିଆ ଆଦି ରୋଗର ପ୍ରାଦୁର୍ଭାବକୁ ରୋକିବା ଦିଗରେ କାର୍ଯ୍ୟ କରିବେ ବୋଲି କର୍ମଶାଳାରେ ଶପଥ ନେଇଥିଲେ। ଏଥିରେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକ, ଡା. ମନୋଜ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କର୍ମଶାଳାକୁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭିବିଡିସିଏସ ମାନସ, ଦେବାଶିଷ ସାହୁ ପ୍ରମୁଖ ଉପସ୍ଥିତ ରହି ସୁଚାରୁରୂପେ ସଞ୍ଚାଳନ କରିଥିଲେ।

